ଧରିତ୍ରୀ
DHARITRI
April 18-24, 2021 ₹ 2/-

# ଛୁଟିଦିନ




# ମିଶେ ଯେବେ ସୁର ସହ ସୁର



୩
ପ୍ରଚ୍ଛଦ ପ୍ରସଙ୍ଗ

ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି ହୁଅନ୍ତୁ କି ଭିକାରୀ ବଳ ଅବା ସୋନୁ ନିଗମ୍ । ଏମାନେ ସମସ୍ତେ ସଙ୍ଗୀତ ଦୁନିଆର ଜଣେ ଜଣେ ରତ୍ନ । କାଳଜୟୀ ଏମାନଙ୍କ ସ୍ୱର । ସେଥିପାଇଁ ତ କିଛି ସଙ୍ଗୀତପ୍ରିୟ ମଣିଷ ଏହି ମହାନ୍ କଳାକାରଙ୍କୁ ମନ ମନ୍ଦିରରେ ପୂଜୁଛନ୍ତି । ତାଙ୍କ ଗୀତକୁ ଅନୁସରଣ କରୁଛନ୍ତି । ଆଉ ତାଙ୍କରି ଭଳି ଗୀତ ଗାଇ ଜିଣୁଛନ୍ତି ଅନେକଙ୍କ ହୃଦୟ...



୮/୯
ସିନେମା

୧୩
ସହରଠୁ ଦୂର

# ଘରେ ମୟୂରପୁଚ୍ଛ ରଖିଲେ...

**ମୟୂର ପକ୍ଷୀ ଦେଖିବାକୁ ଯେମିତି ସୁନ୍ଦର ଏହାର ପୁଚ୍ଛ ମଧ୍ୟ ସେମିତି ଉପକାରୀ। ବାସ୍ତୁଶାସ୍ତ୍ର ଅନୁସାରେ ଘରେ ମୟୂରପୁଚ୍ଛ ରଖିଲେ କ'ଣ ସବୁ ଉପକାର ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

➤କୁହାଯାଏ, ବଇଁଶୀ ସହିତ ମୟୂରପୁଚ୍ଛକୁ ଏକାଠି ରଖିଲେ ଘରର ସଦସ୍ୟଙ୍କ ଭିତରେ ଆପଣାର ଭାବ ସୃଷ୍ଟି ହୋଇ ସମ୍ପର୍କ ମଜଭୁତ ହୋଇଥାଏ।

➤ବୈବାହିକ ସମ୍ପର୍କରେ ତିକ୍ତତା ଦେଖାଯାଉଥିଲେ, ଶୟନକକ୍ଷରେ ମୟୂରପୁଚ୍ଛ ରଖିଲେ ସ୍ତ୍ରୀ-ସ୍ୱାମୀଙ୍କ ଭିତରେ ଭଲ ପାଇବା ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ।

➤ଯଦି କୌଣସି ଖଳ ଲୋକ ହଇରାଣ କରୁଥାଏ, ତା'ହେଲେ ସେହି ଲୋକର ନାଁକୁ ମଙ୍ଗଳବାର କିମ୍ବା ଶନିବାର ରାତିରେ ପ୍ରଭୁ ହନୁମାନଙ୍କ



ମସ୍ତକର ସିନ୍ଦୁରରେ ମୟୂରପୁଚ୍ଛ ଉପରେ ଲେଖି ଠାକୁର ଘରେ ରଖିଦେବେ। ପରଦିନ ସକାଳେ ସେହି ପୁଚ୍ଛକୁ ବୋହି ଯାଉଥିବା ପାଣିରେ ଭସାଇଦେଲେ କ୍ରମେ ଏହି ସମସ୍ୟାର ସମାଧାନ ହୋଇଯାଏ ବୋଲି ଲୋକକଥା ରହିଛି।

➤ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ ଦିଗରେ ଥିବା ଟ୍ରେଜେରି ବା ଆଲମିରା ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିବା ଦ୍ୱାରା ଘରେ କେବେ ବି ଧନର ଅଭାବ ଦେଖାଯାଇ ନଥାଏ।

➤ରାହୁ ଦୋଷ ଥିଲେ ମୟୂରପୁଚ୍ଛକୁ ଘରର ପୂର୍ବ ତଥା ଉତ୍ତର ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୮-୨୪

**ମେଷ**



କର୍ମକ୍ଷେତ୍ରରେ ସଫଳତା, ମାନସିକ ସ୍ଥିରତା, ଋଣ ପରିଶୋଧ ଚିନ୍ତା, ସ୍ୱାସ୍ଥ୍ୟ ସମସ୍ୟା, ଦୂରବନ୍ଧୁଙ୍କ ସହ ମିଶିବେ, ପଡ଼ୋଶୀଙ୍କ ଉଦାରତା, ଆତ୍ମୀୟଙ୍କ ମୃଦୁ ଭର୍ତ୍ସନା, ଖୋଜୁଥିବା ଜିନିଷ ମିଳିବ, ପଦୋନ୍ନତିର ସୂଚନା, ଉଚ୍ଚସ୍ତରରେ ସମ୍ପର୍କ।

**ବୃଷ**



ଶାରୀରିକ ପୀଡ଼ା, ମାନସିକ ଅସ୍ଥିରତା, ଆର୍ଥିକ ଦୁରବସ୍ଥା, ଆନୁଷ୍ଠାନିକ ପ୍ରସ୍ତୁତି, ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ବନ୍ଧୁଙ୍କୁ ଆପଣେଇନେବେ। ବସ୍ତ୍ରଭୂଷଣ ପ୍ରାପ୍ତି, କର୍ମକ୍ଷେତ୍ରରେ ସୁଯୋଗ ଲାଭ, ଆଶଙ୍କା ଦୂର ହେବ, ପାରିବାରିକ ଶାନ୍ତି, ସମସ୍ୟା ସମାଧାନ।

**ମିଥୁନ**



କର୍ମକ୍ଷେତ୍ରରେ ସୁଯୋଗ, ଆର୍ଥିକ ଉନ୍ନତି, ପାରିବାରିକ ବିଶୃଙ୍ଖଳା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, କଳା ସାହିତ୍ୟରେ ଅନୁରାଗ, ମିତ୍ରବନ୍ଧୁ ସମାଗମ, ବ୍ୟବସାୟରେ ପ୍ରତିବନ୍ଧକ, ନିଷ୍ପତ୍ତି ବଦଳାଇବେ।

**କର୍କଟ**



ଉତ୍ସାହିତ ରହିବେ, ବନ୍ଧୁଙ୍କ ସହଯୋଗ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡ଼ୋଶୀଙ୍କ ଈର୍ଷା, ପାରିବାରିକ ସହମତି, ବ୍ୟାଙ୍କ ଋଣ ମିଳିବ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ରାଜନୈତିକ ବିବାଦ, ଶିଳ୍ପ ବାଣିଜ୍ୟରେ ଉନ୍ନତି।

**ସିଂହ**



ନୂତନ କାର୍ଯ୍ୟାରମ୍ଭ, ଆର୍ଥିକ ସହାୟତା ପ୍ରାପ୍ତି, ନୂଆ ସମ୍ପର୍କ ଯୋଡ଼ିବେ, ବନ୍ଧୁଙ୍କ ସମାଦର, ପ୍ରଶାସନିକ ତତ୍ପରତା, ଯୋଗାଯୋଗରେ ସମସ୍ୟା, ଶୁଭ ଖବରପ୍ରାପ୍ତି, ଯାନ୍ତ୍ରିକ ଜିନିଷ କିଣିବେ।

**କନ୍ୟା**



ଭ୍ରାତୃ ସମ୍ପର୍କ ବୃଦ୍ଧି, ବିବାଦରେ ବିଜୟ, ବନ୍ଧୁମାନଙ୍କ ପ୍ରଶଂସା, ବ୍ୟବସାୟରେ ସନ୍ତୋଷ, ବକେୟା ପାଇବେ, ପ୍ରକାଶନରେ ବିଳମ୍ବ, ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ମନ୍ଥରତା, ସନ୍ତାନଙ୍କ କୃତିତ୍ୱ।

**ତୁଳା**



ଦୈହିକ ସୁସ୍ଥତା, କାର୍ଯ୍ୟରେ ବିଘ୍ନ, ସହକର୍ମୀଙ୍କ ସମାଲୋଚନା, କଚେରିରେ ବାଇବା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଧନହାନିରୁ ଦୁଶ୍ଚିନ୍ତା, ପରିବାରରେ ତର୍କ, ରୋଗ ଉପଶମ ହେବ, ବିବାଦରେ ଅପଦସ୍ଥ, ବସ୍ତ୍ରଭୂଷଣ ପ୍ରାପ୍ତି।

**ବିଛା**



ସମସ୍ୟା ସମାଧାନ, ଋଣସୂତ୍ରରେ ଅର୍ଥ ପ୍ରତିବନ୍ଧକ ହଟିଯିବ, ପରିବହନରେ ଝଗଡ଼ା, ସଙ୍ଗୀତ ସାଧନାରେ ରୁଚି, ଧର୍ମାନୁଷ୍ଠାନରୁ ପ୍ରେରଣା, ଭ୍ରମଣ ସୁଯୋଗ, ପ୍ରାପ୍ୟଧନରେ ବାଧା, ପ୍ରତାକ୍ଷାଜନିତ ଯନ୍ତ୍ରଣା।

**ଧନୁ**



ଉଚ୍ଚ ସମ୍ମାନ ପ୍ରାପ୍ତି, ବନ୍ଧୁପ୍ରସ୍ତାବ ଆସିବ, ସ୍ୱାସ୍ଥ୍ୟରେ ଉନ୍ନତି, ପଡ଼ୋଶୀଙ୍କ ସହାନୁଭୂତି, ପାରିବାରିକ ସଦ୍ଭାବ, ସାମୟିକ ବାଧାସୃଷ୍ଟି, ବିଚଳିତବୋଧ, ବ୍ୟବସାୟରେ ଶିଥିଳତା, ନୀଚସଂସର୍ଗରୁ ସମାଲୋଚନା, କରଜ କରିବେ।

**ମକର**



ଧର୍ମକାର୍ଯ୍ୟରେ ବ୍ୟୟ, ଆଘାତ ଲାଗିପାରେ, ଦୂରଯାତ୍ରାର ପ୍ରସ୍ତୁତି, ଦ୍ୱନ୍ଦ୍ୱର ଅବସାନ, ମିତ୍ରତାରେ ତିକ୍ତତା, ପରିବାରରେ ମତଭେଦ, ଅସାବଧାନତାରୁ ଦ୍ରବ୍ୟନଷ୍ଟ, ରଚନାତ୍ମକ କାମରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ।

**କୁମ୍ଭ**



କାର୍ଯ୍ୟ ସାଧନରେ ବିଳମ୍ବ, ପରିବାରରେ ବ୍ୟତିକ୍ରମ, ନୈରାଶ୍ୟରୁ ଦୁଃଖ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ପ୍ରତାରଣା, ସାମାଜିକ ସମ୍ମାନ, ବାଣିଜ୍ୟରେ ପ୍ରତିରୋଧ, ଯାତ୍ରାରେ ସଫଳତା, ପେଟ ଗୋଳମାଳରୁ ଯନ୍ତ୍ରଣା।

**ମୀନ**



ଉନ୍ନତ ଚିନ୍ତା, ସରକାରୀ ସାହାଯ୍ୟପ୍ରାପ୍ତି, ନିଷ୍ପତ୍ତିର ପରିବର୍ତ୍ତନ, ସୌଖୀନ ଜିନିଷକ୍ରୟ, ଘରଭଡ଼ା କଳହ, ଲେଖାପଢ଼ାରେ ଏକାଗ୍ରତା, ସ୍ନାୟବିକ ଦୁର୍ବଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ଗୃହ ସଜ୍ଜୀକରଣ, ପରିବହନରେ ଉନ୍ନତି, ତୀର୍ଥାଟନ କରିପାରନ୍ତି।

# କିପରି ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

ବର୍ତ୍ତମାନ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି; ଯାହାକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ମଧ୍ୟ ସୃଷ୍ଟି ହୋଇଛି। ଏଭଳି କ୍ଷେତ୍ରରେ ନିଜ ସୁରକ୍ଷା ପ୍ରତି ନିଜେ ସଚେତନ ରହିବା ସହ କରୋନା ସହିତ ଲଢ଼ିବା ପାଇଁ ପ୍ରାକୃତିକ ଉପାୟରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କିପରି ବଢ଼ାଇହେବ ସେ ନେଇ ଚିନ୍ତା କରିବାର ସମୟ ଆସିଛି। କୁହାଯାଉଛି ତୁଳସୀ ଓ ଗୋଲମରିଚର ଚା' ପିଇଲେ ଶରୀର ଫୁର୍ତ୍ତି ଲାଗିବା ସହ ସଂକ୍ରମଣ ସହିତ ଲଢ଼ିବାକୁ ଶକ୍ତି ମିଳିଥାଏ। ସେହିପରି ଗିଲୋୟର ସେବନ ମଧ୍ୟ ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ। ଲେମ୍ବୁରସ ପାଚନ କ୍ରିୟାକୁ ସକ୍ରିୟ କରିବା ସହ ଶରୀରରେ ଇମ୍ୟୁନିଟି ବୃଦ୍ଧି କରିଥାଏ। ସେହିପରି ଅଦାରେ ବି ଅନେକ ଔଷଧୀୟ ଗୁଣ ରହିଛି। କୁହାଯାଏ ଗୋଟେ ଚାମଚ ଅଦା ରସ ପିଇଲେ ବିଭିନ୍ନ ସଂକ୍ରମଣରୁ ମୁକ୍ତି ମିଳିଥାଏ। ନିୟମିତ ହଳଦୀ ସେବନ କଲେ ବି ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। କିନ୍ତୁ ଏହାକୁ ସକାଳେ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ। ତା'ଛଡ଼ା ଗୋଟେ ଚାମଚ ମହୁରେ କିଛି



ଗୋଲମରିଚ ଗୁଣ୍ଡ ମିଶାଇ ଖାଇଲେ ଥଣ୍ଡା-କାଶରୁ ଉପଶମ ମିଳିବା ସହ ରୋଗ ପ୍ରତିରୋଧକ ଶକ୍ତି ବି ବୃଦ୍ଧି ପାଇଥାଏ।

# ପାଠକୀୟ

➤ମଶାଣି କଥା ମନେପଡ଼ିଲେ ଆଖି ସମ୍ମୁଖରେ ନାଚିଉଠେ ଗାଁଠାରୁ ଅନତି ଦୂର ଶୂନଶାନ୍ ପ୍ରାନ୍ତରରେ ଥିବା ମଶାଣିର ଦୃଶ୍ୟ। କିନ୍ତୁ ଏମିତି ବି ଅନେକ ମଶାଣି ଅଛି, ଯାହାକୁ ଦେଖିଲେ ଭ୍ରମ ସୃଷ୍ଟି ହେବ ଯେ, ଏ ମଶାଣି ନା ଉପବନ। କାରଣ ଏବେ କେତେକ ସ୍ଥାନରେ ମଶାଣିର ରୂପ ବଦଳୁଛି। ଚିରାଚରିତ ମଶାଣିର ରୂପରେଖରୁ ବାହାରି ତାକୁ ଆଉ ଟିକେ ଆକର୍ଷଣୀୟ କରିବା ପାଇଁ କେଉଁଠି ଉଦ୍ୟାନ ହେଲାଣି ତ କେଉଁଠି ସ୍ୱଚ୍ଛତାର ବାର୍ତ୍ତା ଦିଆଯାଉଛି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବଦଳୁଛି ମଶାଣି ରୂପ' ଏକ ନିଆରା ଆଲେଖ୍ୟ ଥିଲା। 'ବ୍ୟବସାୟରେ ଉନ୍ନତି ଚାହୁଁଥିଲେ', 'ତରଭୁଜର ଉପକାରିତା' ଆଦି ପାଠଗୁଡ଼ିକରୁ ଅନେକ କିଛି ନୂଆ କଥା ଜାଣିବାକୁ ମିଳିଲା।

**-ମୁକେଶ ସାମନ୍ତରାୟ, ବଲାଙ୍ଗିର**

➤ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବଦଳୁଛି ମଶାଣି ରୂପ' ଏକ ଭିନ୍ନ ଆଲେଖ୍ୟ ଥିଲା। ବଦଳୁଥିବା ସମୟ ସହିତ ତାଳ ଦେଇ ମଶାଣିର ରୂପରେ କିପରି ଧୀରେ ଧୀରେ ପରିବର୍ତ୍ତନ ଆସିଛି ତାହା ଏଥିରୁ ଜାଣିହେଲା। 'ଅଜବ ହ୍ୟାଟ୍ ଫ୍ୟାଶନ' ପାଠଟିରୁ କିଛି ନିଆରା ଡିଜାଇନ୍‌ର ହ୍ୟାଟ୍ ବା ଟୋପି ସମ୍ପର୍କରେ ଜାଣି ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ପିଲାଦିନ: ଚାରିଟି ସ୍କେଚ୍' ନାମକ ଗପଟି ଖୁବ୍ ମନଛୁଆଁ ହୋଇପାରିଥିଲା।

**-ତନୁଜା ବଳିୟାର ସିଂ, ସମ୍ବଲପୁର**

➤ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ସିନେମା ସମ୍ପର୍କିତ କିଛି ଲେଖା ଯେମିତିକି: ଦୀପିକା ଯାହା ଚାହୁଁଥିଲେ, କାର୍ତ୍ତିକଙ୍କ ପ୍ରଶଂସାରେ କ୍ୟାଟ୍ରିନା, ଫୁଟ୍‌ବଲ ମାୟାରେ ଅଜୟ, ଟ୍ରୋଲ୍ ହେଲେ ସାରା ଆଦି ପାଠଗୁଡ଼ିକ ଖୁବ୍ ତଥ୍ୟପୂର୍ଣ୍ଣ ହୋଇପାରିଥିଲା। ସେହିପରି ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଲକ୍ଷ୍ମୀଧର ମହାରଣାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା।

**-ପ୍ରଶାନ୍ତ କୁମାର ସାହୁ, ଗଞ୍ଜାମ**

➤'ସମର୍ ଗାର୍ଡେନିଂ' ପାଠଟିରୁ ଖରାଦିନେ କି କି ଗଛ ଲଗାଇଲେ ସେଥିରେ ଭଲ ଫୁଲ ଫୁଟିଥାଏ ଏବଂ ତା'ର କିପରି ଯତ୍ନ ନିଆଯାଏ, ତାହା ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ ରାଜ୍-ସାଧନାଙ୍କର ଯୋଡ଼ି ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି ସହର ପୃଷ୍ଠାରୁ 'ଭ୍ରମଣର ମଜା ସି-ବିଚ୍‌ରେ' ପାଠଟି ମୋତେ ଅନେକ କିଛି ନୂଆ କଥା ଶିଖାଇଥିଲା।

**-ଜୟନ୍ତ କୁମାର ପଟ୍ଟନାୟକ, ଯାଜପୁର**

➤ଏଥରର ବିବିଧା ପୃଷ୍ଠାରେ ସ୍ଥାନିତ 'ନିଶ ଥିବା ଚଢ଼େଇ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପେଣ୍ଟିଂ ନୁହେଁ ଏମ୍ବ୍ରୋଏଡରି ଓ୍ୱାର୍କ', 'ବିରିୟାନୀ ଦାମ୍ ୨୦,୦୦୦ ଟଙ୍କା' ଏବଂ 'ସବୁଠୁ ଲମ୍ବା ଜୋତା' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟଜନକ ଥିଲା। ସେହିପରି 'ବିସ୍ମୟ ପ୍ରକୃତି'ରୁ ବହୁ ଆଶ୍ଚର୍ଯ୍ୟକର ସ୍ଥାନ ସମ୍ପର୍କରେ ଜାଣିହେଲା।

**-ବେବିନା କର, ମାଲକାନଗିରି**

## ବିଶେଷ ଚିଠି



ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ
'ବଦଳୁଛି ମଶାଣି ରୂପ'
ଲାଗୁଥିଲା ଭାରି ନିଆରା,
କେଉଁଠି ଉଦ୍ୟାନ ତ କେଉଁଠି
ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟୁଥିଲା
ଘେନି ନୂଆ ନୂଆ ପସରା।
ସୃଜନ, ସିନେମା, ସାଥୀର ଉତ୍ତର
ତା' ସାଙ୍ଗକୁ ପୁଣି ପ୍ରଥମ ରୋଜଗାର
କରୁଥିଲା ମୋତେ କିମିଆ
ସତରେ ଛୁଟିଦିନ ତୁମେ ଭାରି ବଢ଼ିଆ।

**-ଅମରେଶ ମହାନ୍ତି,**
**ଚକ୍ରତୀର୍ଥ ରୋଡ୍, ପୁରୀ-୨**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ମିଶେ ଯେବେ ସ୍ୱର ସହ ସ୍ୱର





**ଭକ୍ତିର ଭାବରେ ଭସାଇପାରୁଥିବା ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ବାଳକୃଷ୍ଣ ଦାଶ ହୁଅନ୍ତୁ କି ଭଜନ ସମ୍ରାଟ ଭିକାରୀ ବଳ। ଅବା ପ୍ରେମର ରସରେ ଭିଜାଇ ପାରୁଥିବା ଖୋକା ଭାଇ କି ବଲିଉଡ୍ ସିଙ୍ଗର୍ ସୋନୁ ନିଗମ୍। ଏମାନେ ସମସ୍ତେ ସଙ୍ଗୀତ ଦୁନିଆର ଜଣେ ଜଣେ ରତ୍ନ। କାଳଜୟୀ ଏମାନଙ୍କ ସ୍ୱର। ଖାଲି ଆଜି ନୁହେଁ ସେମାନଙ୍କ କଣ୍ଠର ଯାଦୁ ମନ ମୋହୁଥିବ ସବୁ ସମୟରେ, ସବୁ ପିଢ଼ିଙ୍କୁ। ସେଥିପାଇଁ ତ କିଛି ସଙ୍ଗୀତପ୍ରିୟ ମଣିଷ ଏହି ମହାନ୍ କଳାକାରଙ୍କୁ ମନ ମନ୍ଦିରରେ ପୂଜୁଛନ୍ତି। ତାଙ୍କ ଗୀତକୁ ଅନୁସରଣ କରୁଛନ୍ତି। ଆଉ ତାଙ୍କରି ଭଳି ଗୀତ ଗାଇ ଜିଣୁଛନ୍ତି ଅନେକଙ୍କ ହୃଦୟ...**

## ମନେ ମନେ ବାଣୀକଣ୍ଠଙ୍କୁ ଗୁରୁ ମାନି ନେଇଥିଲି– ଦୁଃଖୀଶ୍ୟାମ ତ୍ରିପାଠୀ

ବାଣୀକଣ୍ଠ ଉପାଧିରେ ଭୂଷିତ ନିମାଇଁ ଚରଣ ହରିଚନ୍ଦନଙ୍କ ଗୀତରେ ଭରି ରହୁଥିଲା ଭକ୍ତିର ଭାବ। ସେ ଲୋକଙ୍କୁ ଭକ୍ତିର ସାଗରରେ ଭସାଇ ପାରୁଥିଲେ। ତାଙ୍କ ଗୀତର ଯାଦୁ ମତେ ବି ବିମୋହିତ କରିଥିଲା। ବଲାଙ୍ଗୀର ଜିଲାର ଛୋଟ ଗାଁ ଫଟାମୁଣ୍ଡାରେ ମୋ ଘର। ଜେଜେବାପା ଗାଁର ଗୌନ୍ତିଆ(ଜମିଦାର) ଥିଲେ। ତା'ସହ ସଙ୍ଗୀତ ପ୍ରେମୀ ବି। ତେଣୁ ଘରେ ଗ୍ରାମୋଫୋନ୍ ଥିଲା। ସେଥିରେ ନିମାଇଁ ଚରଣ ହରିଚନ୍ଦନଙ୍କ ରେକର୍ଡ ବାଜୁଥିଲା। କିଛି ବୁଝିବା ଶୁଝିବା ଶକ୍ତି ନ ଥିବା ସମୟରୁ ତାଙ୍କ ଗୀତ ଶୁଣି ତାଙ୍କ ସ୍ୱର ପ୍ରତି ଭଲ ପାଇବା ଆସି ଯାଇଥିଲା। କୁହାଯାଏ ଈଶ୍ୱରଙ୍କ ଆଶୀର୍ବାଦ ଥିଲେ ପଙ୍ଗୁ ଗିରି ଲଙ୍ଘିପାରେ ଓ ମୂକ ଅନର୍ଗଳ କଥା କହିପାରେ। ମୁଁ ବି ନିଜକୁ ସେଇଆ ମନେ କରେ। କାରଣ ଗୀତ ନ ଶିଖି ମଧ୍ୟ ବେଶ୍ ଛୋଟବେଳୁ ମୁଁ ବାଣୀକଣ୍ଠଙ୍କ ଗୀତ ଅନର୍ଗଳ ଗାଇପାରୁଥିଲି। ଏମିତିକି ରେଡିଓ, ଟେଲିଭିଜନ, ଷ୍ଟୁଡିଓରେ ବି ଗାଇବାର ସୁଯୋଗ ପାଇଥିଲି। ଏଣେ ଯେତେ ଯେତେ ଆଗେଇ ଚାଲିଥାଏ ଗୁରୁ ବୋଲି ମାନି ନେଇଥିବା ନିମାଇଁ ହରିଚନ୍ଦନଙ୍କ ସହ ଦେଖା କରିବାର ଇଚ୍ଛା ବି ବଢ଼ି ଚାଲିଥାଏ। ୧୯୮୩ ମସିହା ମେ ମାସର କଥା। ଭୁବନେଶ୍ୱରରୁ ପୁରୀ ଯିବା ବସ୍‌ରେ ପୁରୀ ନିବାସୀ ବନମାଳୀ ପୃଷ୍ଟିଙ୍କ ସହ ମୋର ଦେଖାହେଲା। ଜାଣିବାକୁ ପାଇଲି ତାଙ୍କର ପୁରୀରେ ଶ୍ରୀକ୍ଷେତ୍ର କଳା ପ୍ରତିଷ୍ଠାନ ନାମରେ ଅନୁଷ୍ଠାନ ଅଛି। ଆଉ ସେ ଓଡ଼ିଶାର ବରିଷ୍ଠ କଳାକାରଙ୍କୁ ନେଇ କାର୍ଯ୍ୟକ୍ରମ କରନ୍ତି। ତେଣୁ ମୁଁ ତାଙ୍କୁ ନିମାଇଁ ହରିଚନ୍ଦନଙ୍କ ବିଷୟରେ ପଚାରିଲି। ବନମାଳୀ ବାବୁ କହିଲେ, ସେ ପୁରୀରେ ରହୁଛନ୍ତି। ସେଦିନ ରାତିରେ ମୁଁ ଏକ ହୋଟେଲରେ ରହିଲି। ସକାଳେ ବନମାଳୀ ବାବୁ ଆସି ଆମକୁ ପୁରୀ ମନ୍ଦିରକୁ ନେଲେ। ସେ ବହୁ ପରିଚିତ ଥିବାରୁ ବିନା ଦ୍ୱିଧାରେ ଆମେ ରତ୍ନ ସିଂହାସନ ପାଖରେ ପହଞ୍ଚିଯାଇଥିଲୁ। ସେଠି ମୋ ନଜର ଜଣେ ବୟସ୍କ ଲୋକଙ୍କ ଉପରେ ପଡିଲା। ଗୋରା ତକତକ ଚେହେରା, ରାମାନନ୍ଦୀ ଚିତା, କଣ୍ଠରେ ତୁଳସୀ ମାଳ ସାଙ୍ଗକୁ ଧଳା ଧୋତି ପିନ୍ଧିଥାଆନ୍ତି। କାହିଁକି କେଜାଣି ମୋ ମନ କହିଲା ତାଙ୍କ ପାଦ ଛୁଇଁ ପ୍ରଣାମ କରିବାକୁ। ଆଉ ମୁଁ ତାଙ୍କ ନିକଟକୁ ଯାଇ ତାଙ୍କ ପାଦ ସ୍ପର୍ଶ କରି ପ୍ରଣାମ କଲି। ସେ କହିଲେ, ବଡ଼ ଠାକୁରଙ୍କ ପାଖରେ ଏମିତି କରନ୍ତିନି। ଏପଟେ ବନମାଳୀ ବାବୁ କହିଲେ, ଆପଣ କ'ଣ ତାଙ୍କୁ ଚିହ୍ନିଛନ୍ତି। ମୁଁ କହିଲି ନା। ସେ କହିଲେ ଇଏ ପରା ହେଉଛନ୍ତି– ନିମାଇଁ ଚରଣ ହରିଚନ୍ଦନ, ଯାହାଙ୍କୁ ତୁମେ ମନେ ମନେ ଗୁରୁ ଭାବିଛ। ମୁଁ କେବେ ଭାବି ନ ଥିଲି ଏଭଳିଭାବେ କେବେ ତାଙ୍କ ସହ ଦେଖାହେବ ବୋଲି। ସେତେବେଳେ ନିମାଇଁ ହରିଚନ୍ଦନଙ୍କୁ ବୟସ ପ୍ରାୟ ୮୩ ବର୍ଷ। କାନକୁ ଭଲରେ ଶୁଭୁ ନ ଥାଏ। ବନମାଳୀ ବାବୁ ଟିକେ ଜୋର୍ ପାଟିରେ କହିଲେ, ଇଏ ହେଉଛନ୍ତି ଦୁଃଖୀଶ୍ୟାମ ତ୍ରିପାଠୀ। ଆପଣଙ୍କୁ ସେ ମନେ ମନେ ଗୁରୁ କରିଛନ୍ତି। ନିମାଇଁ ହରିଚନ୍ଦନ କହିଲେ, ଚାଲ ଜଗମୋହନରେ ଭଜନ କରିବା। ସେଠି ପହଞ୍ଚିବା ପରେ ସେ ମତେ କହିଲେ ଗାଅ। ଆଉ ମୁଁ ତାଙ୍କର ଗୋଟେ ପରେ ଗୋଟେ ଗୀତ ଗାଇ ଚାଲିଲି। ଗୀତ ଶୁଣି ପଣ୍ଡା ସେବାୟତମାନେ ଆସି କିଏ ଫୁଲମାଳ ଦେଲେ ତ କିଏ ଚନ୍ଦନ ଲେପିଦେଲେ। ସମସ୍ତେ ଖୁସିରେ କହିଲେ ସତରେ ଆପଣଙ୍କ କଣ୍ଠ ନିମାଇଁ ହରିଚନ୍ଦନଙ୍କ ପରି। ନିମାଇଁ ହରିଚନ୍ଦନ ଗାମୁଛାରେ ତୁଳସୀ ଆଣିଥିଲେ। ସେଥିରୁ ଟିକେ ମତେ ଦେଲେ। ବନମାଳୀ ବାବୁ ପୁଣି କହିଲେ, ଦୁଃଖୀଶ୍ୟାମଙ୍କୁ ଟିକେ ଆଶୀର୍ବାଦ ଦିଅନ୍ତୁ। ସେ ମହାପ୍ରଭୁଙ୍କ ଆଡକୁ ଦେଖେଇ କହିଲେ, 'ତାକୁ ଟିକେ କହ ସେ ଚାହିଁଲେ ସବୁ ହେବ।' ତା'ପରେ ଗରୁଡ଼ ସ୍ତମ୍ଭ ପାଖକୁ ଆସି କହିଲେ, ଯେବେବି ଶ୍ରୀମନ୍ଦିର ଆସିବ ଏଇଠି ଛିଡା ହେଇ ଗୀତ ଗାଇବ। ଦେଖିବ ନିଶ୍ଚୟ ବିଖ୍ୟାତ ହୋଇଯିବ। ଏହି ଦେଖାସାକ୍ଷାତ ପରେ ମୁଁ

→











ଦୁଃଖୀଶ୍ୟାମ ତ୍ରିପାଠୀ


ଘନଶ୍ୟାମ ପଣ୍ଡା


ସନତ ପାଣିଗ୍ରାହୀ

ଭାସ୍କର ପୁହାଣ

ହୋଟେଲ ଚାଲି ଆସିଲି। ସନ୍ଧ୍ୟାରେ ବନମାଳୀ ବାବୁଙ୍କ ଅନୁଷ୍ଠାନରେ ପୁଣି ଥରେ ତାଙ୍କ ସହ ଦେଖାହୁଏ। ହାରମୋନିୟମ ଧରି ସେ କହିଲେ, 'ଆଉ କ'ଣ ଗାଇ ହଉଛି।' ମୁଁ ମନେ ମନେ ଭାବିଲି ଆଉ କିଛି ବର୍ଷ ପୂର୍ବରୁ ହେଲେ ଭେଟ ହୋଇଥାଆନ୍ତା। ତାଙ୍କ କଣ୍ଠରୁ କିଛି ଗୀତ ଶୁଣିବା ସହ ଅନେକ କିଛି ଶିଖିଥାଆନ୍ତି। ତଥାପି ସେ ଗୋଟେ ଗୀତ ଗାଇଲେ। ମତେ କହିଲେ ଆପଣ ଗୋଟେ ଗାଆନ୍ତୁ। ମୁଁ ଖାତା ବାହାର କଲି। ସେ କହିଲେ ଖାତା ଦେଖି ଗାଇଲେ ଭାବ କେମିତି ଆସିବ। ମନ ଭିତରେ ଚକା ଆଖିକୁ କେମିତି ଦେଖିବ? ସେବେଠୁ ମୁଁ ଖାତା ଛାଡି ଗୀତ ଗାଇବାକୁ ଚେଷ୍ଟା କଲି, ଯାହାଫଳରେ ଆଜି ଶହ ଶହ ଗୀତ ମୋର ମୁଖସ୍ଥ ହୋଇପାରିଛି। କୁହାଯାଏ ଗୁରୁଙ୍କ ଆଶୀର୍ବାଦ ନ ଥିଲେ ଆଗକୁ ବଢ଼ିବା ଅସମ୍ଭବ। ଏ କଥା ସତ ବୋଲି ମୁଁ ଅନୁଭବ କରିଛି। କାରଣ ତାଙ୍କ ସହ ସାକ୍ଷାତ ଓ ଆଶୀର୍ବାଦ ପାଇବା ପରେ ହିଁ ମତେ ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିଲା। ଆଗରୁ ଗୀତ ଗାଉଥିଲେ ବି ଲୋକ ସେତେଟା ଜାଣି ନ ଥିଲେ। ତାଙ୍କ ଆଶୀର୍ବାଦ ପାଇବା ପରେ ଘରେ ଘରେ ମତେ ଚିହ୍ନିବାକୁ ଲାଗିଲେ। ଆଉ ଏକ କଥା ମୁଁ ତାଙ୍କୁ ସବୁବେଳେ ଅନୁସରଣ କରିଛି। ଅନୁକରଣ କରିନି କି କରିପାରିବି ନାହିଁ। ନିମାଇଁ ହରିଚନ୍ଦନଙ୍କ ପରିବାର ଲୋକ ବି ମତେ ବହୁତ ସ୍ନେହ କରନ୍ତି। ଗୀତ ମୋ ପାଇଁ ଜୀବନ, ତେଣୁ ଏହାପାଇଁ ଚାକିରି ବି ଛାଡିଦେଇଥିଲି। ଆରମ୍ଭରୁ ଗୀତ ଶିଖି ନ ଥିଲେ ବି ପ୍ରଫୁଲ୍ଲ କର ମତେ ବହୁତ କଥା ଶିଖେଇଛନ୍ତି। ଜେଇ, ସାର୍ଥକ, ସିଦ୍ଧାର୍ଥ ଆଦି କମ୍ପାନୀ ନିମାଇଁ ଚରଣଙ୍କ ଗୀତକୁ ମୋ କଣ୍ଠରେ ରେକର୍ଡିଂ କରେଇ ମତେ ଘରେ ଘରେ ପରିଚିତ କରାଇଛନ୍ତି। ତେବେ ଦିନକର କଥା, ପ୍ରଫୁଲ୍ଲ କର କହିଲେ ଦୁଃଖୀଶ୍ୟାମ ତମେ ନିମାଇଁ ଚରଣଙ୍କ ସ୍ୱରରେ ବହୁତ ଗାଇଲ। ଏବେ ନିଜ ସ୍ୱର ଓ ନିଜ ଶୈଳୀରେ ବି କିଛି ଗାଅ। ସେ ମୋ ପାଇଁ ୮ଟି ଗୀତ ରଚନା କଲେ। ଆଉ ସେସବୁ ଗୀତକୁ ମୁଁ ମୋ ନିଜ ସ୍ୱର ଓ ନିଜ ଶୈଳୀରେ ଗାଇଲି, ଯାହାକି ଲୋକଙ୍କୁ ପସନ୍ଦ ଆସିଲା।

## ଯାହାଙ୍କ କଣ୍ଠରେ ଗାଇ ମୁଁ ପ୍ରସିଦ୍ଧ ହୋଇଛି ତାଙ୍କୁ ଦୀର୍ଘଦିନ ଯାଏ ଜାଣି ନ ଥିଲି: ଘନଶ୍ୟାମ ପଣ୍ଡା

ମୋ ଘର କେନ୍ଦୁଝରରେ। ହାଇସ୍କୁଲରେ ପଢ଼ିବାବେଳେ ଗାଁ ଡ୍ରାମାରେ ମତେ ଗୀତ ଗାଇବାକୁ ଦିଅନ୍ତି। ଗୀତ ଶୁଣି ଲୋକ ବହୁତ ପ୍ରଶଂସା ବି କରୁଥିଲେ। ତେଣୁ ବିଧିବଦ୍ଧ ଶିକ୍ଷା ନେବା ପାଇଁ ଆଗ୍ରହ ବଢ଼ିଲା। ଆଉ କେନ୍ଦୁଝରର ପ୍ରେମଲତିକା କଳାଭବନରେ ସଙ୍ଗିତ ଶିକ୍ଷା ଆରମ୍ଭ କଲି। ୧୯୬୪ ମସିହାର କଥା। ମତେ ପ୍ରାୟ ୧୮ ବର୍ଷ ବୟସ ହେବ। କେନ୍ଦୁଝର ରାଜା ବଳଭଦ୍ର ନାରାୟଣ ଦେବଙ୍କ ଦେହାନ୍ତ ହୋଇଥାଏ। ସେହି ଶାସନରେ ଆମେ ଥିବାରୁ ଏକାଦଶାହ ଭୋଜିକୁ ଯାଇଥାଏ। ସେଠି ମୋର ସଙ୍ଗୀତ ଗୁରୁ ଯୋଗେନ୍ଦ୍ରନାଥ ପତିଙ୍କ ସହ ଭେଟ ହେଲା। ସେ କହିଲେ କୁଆଡ଼େ ଆସିଛୁ? ମୁଁ କହିଲି ଭୋଜି ଖାଇବାକୁ ଆସିଛି। ସେ ମତେ ଡାକି ନେଲେ ଓ ସେଠାରେ ଉପସ୍ଥିତ ବିଭିନ୍ନ ରାଜ୍ୟର ରାଜାଙ୍କୁ କହିଲେ, ପିଲାଟି ଭଲ ଗାଏ ତା' ଗୀତ ଟିକେ ଶୁଣନ୍ତୁ। ସେତେବେଳକୁ ପ୍ରାୟ ୩ ବର୍ଷ ହେବ ସଙ୍ଗୀତ ଶିକ୍ଷା କରି ସାରିଥାଏ। ସେଠି ମୁଁ ଓଡ଼ିଶୀ ଗୀତଟିଏ ଗାଇଲି। ରାଜାମାନେ ଗୀତ ଶୁଣି ବହୁତ ଖୁସି ହେଲେ। ଆଉ କହିଲେ, ସେ ବ୍ରାହ୍ମଣ ଭୋଜନରେ କାହିଁକି ବସି ଖାଇବେ? ସେ କଳାକାର, ଆମ ସହ ବସି ଖାଇବେ। ଏତେ ସମ୍ମାନ ପାଇ ବହୁତ ଖୁସି ଲାଗିଥିଲା। ଏହାପରେ ସେତେବେଳେ ଏଗ୍ରିକଲ୍ଚର ମିନିଷ୍ଟର ଥିବା ମୋ ମାମୁ ଶ୍ୱଶୁର ରାଜବଲ୍ଲଭ ମିଶ୍ର ମତେ ଭୁବନେଶ୍ୱର ଆଣି ସଙ୍ଗୀତ ମହାବିଦ୍ୟାଳୟରେ ଆଡମିଶନ୍ କରେଇଲେ। ଏଠି ରହିବାର ୬ମାସ ପରେ ବି ମୁଁ ବାଳକୃଷ୍ଣ ଦାଶ କିଏ ବୋଲି ଜାଣି ନ ଥିଲି। ହେଲେ ଜଣେ ସାଙ୍ଗଠାରୁ ବାଳକୃଷ୍ଣ ଦାଶଙ୍କର ଗୀତ ଶୁଣି ତାକୁ କହିଥିଲି ବହୁତ ବଢ଼ିଆ ଲାଗୁଛି ଏଇ ଗୀତ। ମତେ ଟିକେ ଶିଖେଇ ଦେ। ସେ ମତେ ବାଳକୃଷ୍ଣ ଦାଶଙ୍କର ୨ଟି ଗୀତ ଶିଖେଇଥିଲା। ସେହି ସମୟରେ ମଧୁସୂଦନ ନଗରରେ ଥିବା ପିଡବ୍ଲ୍ୟୁଡି ଅଫିସ୍‌ରେ ବିଶ୍ୱକର୍ମା ପୂଜା ହେଉଥାଏ। ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରି ଆମ କଲେଜର ପିଲାଙ୍କୁ ଡାକିଥିଲେ ଗାଇବାକୁ। ସେଠି ମୁଁ ସାଙ୍ଗଠୁ ଶିଖିଥିବା ଦୁଇଟି ଯାକ ଗୀତ ଗାଇଲି। ମୋ ଗୀତ ଶୁଣି ହଷ୍ଟେଲର ଯେଉଁ ପିଲା ଆସି ନ ଥିଲେ ଚାଲି ଆସିଲେ ପ୍ରୋଗ୍ରାମକୁ। କାରଣ ମୋ ଗୀତ ଶୁଣି ସେମାନେ ଭାବିଥିଲେ ବାଳକୃଷ୍ଣ ଦାଶ ଆସିଛନ୍ତି ବୋଲି। ଆଉ ସେଠାରେ ପହଞ୍ଚି ଦେଖିଲେ ମୁଁ ଗାଉଛି। ସେମାନେ କହିଲେ, ତୁ ତ ପୂରା ବାଳକୃଷ୍ଣ ଦାଶଙ୍କ ପରି ଗାଉଛୁ। ଏଇ ପ୍ରଶଂସା ଶୁଣି ବାଳକୃଷ୍ଣ ଦାଶଙ୍କ ସହ ଦେଖା କରିବାର ଇଚ୍ଛା ଜାଗ୍ରତ ହେଲା। ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ଯିଏ କି ସେତେବେଳେ ମତେ ବଡ଼ଭାଇ ଭଳି ମାନୁଥିଲେ ତାଙ୍କୁ କହିଲି, ମତେ ଟିକେ ତାଙ୍କ ପାଖକୁ ନେଇଯାଅ। ଆମେ ବସ୍‌ରେ ଗଲୁ। ଗଙ୍ଗାଧରଙ୍କୁ ଆଗରୁ ସାର୍ ଚିହ୍ନିଥାନ୍ତି। ସେ ତାଙ୍କୁ ପଚାରିଲେ ଏଇ କିଏ? ଗଙ୍ଗାଧର କହିଲେ, ଇଏ ଘନଶ୍ୟାମ ପଣ୍ଡା। ସେ ଆପଣଙ୍କୁ ଦେଖିବାକୁ ଚାହୁଁଥିଲେ। ଆଉ ଗୀତ ବି ଶିଖିବାକୁ ଚାହୁଁଛନ୍ତି। ସାର୍ ମତେ କହିଲେ, ଗୀତଟେ ଗାଅ। ମୁଁ ଗାଇଲି। ତାଙ୍କୁ ବହୁତ ଭଲ ଲାଗିଲା। ସେବେଠାରୁ ତାଙ୍କ ସହ ମୋର ସମ୍ପର୍କ ଗଢ଼ି ଉଠିଲା। ମଝିରେ ମଝିରେ ତାଙ୍କ ପାଖକୁ ଯାଉଥିଲି ଶିଖିବାକୁ। ପରେ ଆମ କଲେଜରେ ବି ଆସି ସେ ଜଏନ୍ କଲେ। ତେଣୁ ସମ୍ପର୍କ ଅତି ନିବିଡ଼ ହୋଇଗଲା। କୋର୍ସ ସରିବା ପରେ ମୁଁ ସଙ୍ଗୀତ ମହାବିଦ୍ୟାଳୟରେ ହିଁ ଓଡ଼ିଶୀ ବିଭାଗରେ ଚାକିରି କଲି। ୧୯୭୪ରେ ନୟାପଲ୍ଲୀରେ ଘର କରି ରହିଲି। ତା'ସହ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ଗାଉଥାଏ। ଲୋକେ ମୋ କଣ୍ଠରେ ବାଳକୃଷ୍ଣ ଦାଶଙ୍କ ଗୀତ ଶୁଣିବାକୁ ବେଶି ଚାହୁଁଥିଲେ। ତେଣୁ ଅଧିକରୁ ଅଧିକ ବାଳକୃଷ୍ଣ ଦାଶଙ୍କ ଗୀତ ଗାଇଲି। ଆଉ ମୋର ଭିନ୍ନ ଏକ ପରିଚୟ ଗଢ଼ି ଉଠିଲା। ମୁଁ ଯେ କେବଳ ବାଳକୃଷ୍ଣ ଦାଶଙ୍କ ଭଳି ଗାଉଥିଲି ତାହା ନୁହେଁ, ତାଙ୍କ ସହ ମିଶି ଗାଇବାର ସୁଯୋଗ ବି ପାଇଛି। କଟକ ଆକାଶବାଣୀ କେନ୍ଦ୍ର ଉନ୍ମୋଚନ ଦିନ ମଧ୍ୟ ଆମେ ଦୁହେଁ ମିଶି ଗୀତ ଗାଇଥିଲୁ। କେବଳ ସେତିକି ନୁହେଁ ମୋର ସୌଭାଗ୍ୟ ଯେ, ଯୋଗେନ୍ଦ୍ରନାଥ ପତି, ସିଂହାରୀ ଶ୍ୟାମସୁନ୍ଦର କର, ମାର୍କେଣ୍ଡେୟ ମହାପାତ୍ର, ନୃସିଂହନାଥ ଖୁଣ୍ଟିଆ ଓ ଗୋପାଳଚନ୍ଦ୍ର ପଣ୍ଡାଙ୍କ ଭଳି ବହୁ ବଡ଼ ବଡ଼ ଗୁରୁଙ୍କଠାରୁ ସଙ୍ଗୀତ ଶିଖିବାର ସୁଯୋଗ ପାଇଥିଲି। ଜୀବନରେ ଯାହା ବି ସଫଳତା ମିଳିଛି ସେମାନଙ୍କ ଆଶୀର୍ବାଦ ପାଇଁ ହିଁ ସମ୍ଭବ ହୋଇଛି। ଏହା ମଧ୍ୟରେ ମତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ, ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ସୃଜନ ସମ୍ମାନ, ରାଜୀବ ଗାନ୍ଧୀ ସମ୍ମାନ, ମାହାରୀ ସମ୍ମାନ, ସିଂହାରୀ ଶ୍ୟାମସୁନ୍ଦର କର ସମ୍ମାନ, ଗୁରୁ ଗୋପାଳ ପଣ୍ଡା ସମ୍ମାନ ଭଳି ଅନେକ ସମ୍ମାନ ମିଳିଛି। ଏବେ ମତେ ୭୬ ବର୍ଷ ବୟସ ହେଲାଣି। ଆଉ ସେତେ ଗାଇ ହେଉ ନାହିଁ। ହେଲେ ପୁରୁଣା ସ୍ମୃତି ମନେପଡ଼ିଲେ ଭାରି ଖୁସି ଲାଗେ।

## ଅକ୍ଷୟ ମହାନ୍ତିଙ୍କ ପାଇଁ ବୋଧହୁଏ ଲୋକ ମତେ ଭଲ ପାଆନ୍ତି–ଭାସ୍କର ପୁହାଣ

୬୦ ଦଶକରେ ଗାଁ ଗହଳିରେ ଏତେ ରେଡିଓ ନ ଥିଲା। କାଁ ଭାଁ କାହା ଘରେ ଗ୍ରାମଫୋନ୍ ଥିଲା। ଆମ ଘର ଭଦ୍ରକରେ। ସେତେବେଳେ ମୁଁ ହାଇସ୍କୁଲର ଛାତ୍ର ଥାଏ। ଦୂରରୁ ଗ୍ରାମଫୋନ୍‌ରୁ ଅକ୍ଷୟ ମହାନ୍ତିଙ୍କ ଗୀତ ଯେବେ ଭାସି ଆସୁଥିଲା ଭାରି ଭଲ ଲାଗୁଥିଲା। ଆଉ ସେଇ ଗୀତ ମୁଁ ଦିନ ତମାମ ଗୁଣୁ ଗୁଣୁ ହେଉଥିଲି। କଲେଜରେ ପଢ଼ିବାବେଳେ କଲେଜରେ ତାଙ୍କ ଗୀତ ଗାଇଲି। ଅନେକେ କହିଲେ ମୁଁ କୁଆଡେ ଅକ୍ଷୟ ମହାନ୍ତିଙ୍କ ଭଳି ଗାଉଛି। ସେଇ ପ୍ରଶଂସା ମତେ ଅଧିକରୁ ଅଧିକ ଅକ୍ଷୟ ମହାନ୍ତିଙ୍କ ଗୀତକୁ ଅନୁସରଣ କରିବାକୁ ପ୍ରେରଣା ଦେଲା। ଆଉ ମୋ ଭିତରେ ତାଙ୍କ ଗୀତର ଝୁଙ୍କ ଏତେ ବଢ଼ିଗଲା ଯେ, ବାପା କହିଲେ ଏମିତି ହେଲେ ମୋ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ମତେ ରାଉରକେଲାରେ ରହୁଥିବା ବଡ଼ ଭାଇଙ୍କ ପାଖକୁ ପଠେଇ ଦେଇଥିଲେ। ହେଲେ ସେ ନିଶା ଭଲା କୋଉ ଛାଡିଥାନ୍ତା। ସେଠି ବି ଗୀତ ଗାଇବା ଆରମ୍ଭ ହେଇଗଲା। ବିଭିନ୍ନ ଷ୍ଟେଜ୍ ଶୋ'ରେ ଗାଇଲି। ଏହା ଭିତରେ ତହସିଲ ଅଫିସ୍‌ରେ ଚାକିରି କଲି। ୧୯୭୧ମସିହାରେ ଥରେ ଏକ କାର୍ଯ୍ୟକ୍ରମରେ ମତେ ଗାଇବାକୁ ଡକାଯାଇଥାଏ। ସେଠି ଅକ୍ଷୟ ମହାନ୍ତି ବି ଗାଇବାକୁ ଆସିଥାଆନ୍ତି। କାର୍ଯ୍ୟକ୍ରମ ଆରମ୍ଭ ବିଳମ୍ବ ହେବାରୁ ମତେ ଗାଇବାକୁ ସୁଯୋଗ ମିଳିବନି ବୋଲି ଥିଲା। ହେଲେ ଲୋକ ଚାହୁଁଥିଲେ ମୁଁ ବି

→

ଗାଏ ବୋଲି। ଏହା ଜାଣି ଅକ୍ଷୟ ମହାନ୍ତି ମତେ ଡାକି କହିଲେ ତୁ ମୋ ଭଳି ଗାଉଛୁ। ଭଲ କଥା। ଲୋକ ତତେ ଶୁଣିବାକୁ ଚାହୁଁଛନ୍ତି। ତେଣୁ ମୁଁ ଗାଇବା ପରେ ତୁ ନିଶ୍ଚୟ ଗାଇବୁ। ହେଲେ ସେଦିନ ତାଙ୍କ ଗୀତ ଶୁଣି ମୁଁ ଏତେ ବିଭୋର ହେଇଯାଇଥିଲି ଯେ, ଆଉ ଗାଇ ନ ଥିଲି। ଏହାପରେ ତାଙ୍କ ସହ ମୋର ଏକ ଭିନ୍ନ ସମ୍ପର୍କ ଗଢ଼ି ଉଠିଥିଲା। ସେ ଯେବେ ବି ରାଉରକେଲା ଆସନ୍ତି ଯେମିତି ହେଲେ ମୋ ସହ ଦେଖା କରନ୍ତି। ଆଉ ମୁଁ କଟକ ଗଲେ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇବା ମାତ୍ରେ ରିକ୍ସାରେ ସିଧା ମାନସିଂହପାଟଣାରେ ଥିବା ତାଙ୍କ ଘରକୁ ଯାଉଥିଲି। ବହୁତ ଗପସପ ହେଉଥିଲୁ। ୧୯୯୮-୯୯ ମସିହାର କଥା, କଟକର ଏକ ଷ୍ଟୁଡିଓରେ ଅକ୍ଷୟ ମହାନ୍ତିଙ୍କର କିଛି ଗୀତକୁ ନେଇ କ୍ୟାସେଟ୍ ହେଉଥାଏ, ଯେଉଁଥିରେ ମୁଁ କଣ୍ଠଦାନ କରୁଥିଲି। ରେକର୍ଡିଂ ସରିବା ପରେ ବାହାରୁଥାଏ। ଜାଣିବାକୁ ପାଇଲି ଅକ୍ଷୟ ମହାନ୍ତିଙ୍କର ରାଉରକେଲାରେ ପ୍ରୋଗ୍ରାମ ଅଛି। ତେଣୁ ଆମେ ଦୁହେଁ ଏକାଠି ମିଶି ସେହି ଟ୍ରେନ୍‌ରେ ଆସିଲୁ। ସେ ମତେ ପଚାରିଲେ କୁଆଡେ ଆସିଥିଲ ? ମୁଁ କହିଲି, ଆପଣ ଶୁଣିଲେ ରାଗିବେ। ମୁଁ ଆପଣଙ୍କ ଗୀତ ଗାଇବାକୁ ଆସିଥିଲି। ସେ କହିଲେ, 'ରାଗିବି କାହିଁକି ? ଗାଉଛୁ ଗା। ହେଲେ ନିଜ ସ୍ୱରରେ ଗାଇ ମଧ୍ୟ ନିଜର ପରିଚୟ ଗଢ। ମୋର ମନେଅଛି ୧୯୭୦-୭୧ ମସିହାରେ ଥରେ ସେ ମତେ କହିଥିଲେ କଟକ ଚାଲିଆସ ବୋଲି। ମୁଁ କହିଥିଲି, ଏଠି ଆସିଲେ ରହିବି କୋଉଠି, ଖାଇବି କ'ଣ ? ସେ କହିଥିଲେ ମୁଁ ତତେ ୬ ମାସ ରଖି ଖାଇବାକୁ ଦେବି। ଆଉ ତା'ର ପର ୬ ମାସ ତୁ ମତେ ଖାଇବାକୁ ଦେବୁ। ତାଙ୍କ କହିବାର ଅର୍ଥ ଥିଲା ଏଠି ଆସିଲେ ନାଁ କମେଇବା ସହ ବହୁତ ରୋଜଗାର ବି କରିପାରିବି। ହେଲେ ଚାକିରିର ବ୍ୟସ୍ତତା ଯୋଗୁ ମୁଁ ଯାଇ ପାରି ନ ଥିଲି। ଏଣେ ଛୁଟି କମ୍ ମିଳୁଥିବାରୁ ବହୁତ କମ୍ କାର୍ଯ୍ୟକ୍ରମରେ ଗାଉଥିଲି। ତେବେ ପ୍ରଶାନ୍ତ ମୁଦୁଲି ନାମରେ ମୋର ଜଣେ ଛାତ୍ର ଥିଲେ। ଯେକି ପ୍ରଥମେ ମୋ ରଚିତ ଗୀତକୁ ଗାଉଥିଲେ। ତାଙ୍କ ସ୍ୱର ବି ଅକ୍ଷୟ ମହାନ୍ତିଙ୍କ ପରି ଥିଲା। ତେଣୁ ମୁଁ ତାଙ୍କୁ ଅକ୍ଷୟ ମହାନ୍ତିଙ୍କ କଣ୍ଠକୁ ଅନୁସରଣ କରିବାକୁ କହିଥିଲି। ଆଉ ସେ ଖୁବ୍ କମ୍ ସମୟରେ ଏତେ ଭଲ ଗାଇଲେ ଯେ, ସାରା ଓଡ଼ିଶାରେ ପରିଚିତ ମୁହଁ ହୋଇଯାଇଥିଲେ। ହେଲେ ଭାଗ୍ୟର ବିଡମ୍ବନା କମ୍ ବୟସରେ ତାଙ୍କର ଦେହାନ୍ତ ହୋଇଗଲା। ଯାହାକି ମତେ ବହୁତ କଷ୍ଟ ଲାଗିଥିଲା। ଏବେ ମତେ ୭୧ ବର୍ଷ ବୟସ ହେଲାଣି ତଥାପି ଗାଇବା ଜାରି ରଖିଛି। ଅକ୍ଷୟ ମହାନ୍ତିଙ୍କର ଆଉ ଏକ କଥା ମୋର ସବୁବେଳେ ମନେପଡେ, ୧୯୮୧-୮୨ ମସିହାରେ ଆମେ ଥରେ ରିକ୍ସାରେ ବୁଲୁଥାଉ। ସେ କହିଲେ, ମୁଁ ବଞ୍ଚିଛି ବୋଲି କେହି ମୋତେ ଚିହ୍ନିପାରୁ ନାହାନ୍ତି। ଦେଖିବୁ ମୁଁ ମରିଗଲେ ଲୋକ ମତେ ବହୁତ ମନେ ପକେଇବେ। ମୋ ପ୍ରତିମୂର୍ତ୍ତି ତିଆରି କରି ପୂଜା କରିବେ। କାରଣ ଓଡ଼ିଶାରେ ମୂର୍ତ୍ତି ପୂଜା କରନ୍ତି। ସତକୁ ସତ ତାଙ୍କ କଥା ସତ ହେଲା। ମୃତ୍ୟୁ ପରେ ଲୋକ ତାଙ୍କୁ ଝୁରୁଛନ୍ତି। ଆଉ ତାଙ୍କୁ ଝୁରୁଛନ୍ତି ବୋଲି ତ ମୁଁ ତାଙ୍କ ଭଳି ଗୀତ ଗାଉଥିବାରୁ ମତେ ବି ମିଳୁଛି ଅଜସ୍ର ଭଲ ପାଇବା।

## ଭିକାରୀ ବଳଙ୍କ ଗୀତକୁ ଅନୁସରଣ କରୁଛି, ହେଲେ କେବେ ତାଙ୍କ ପରି ଗାଇପାରିବି ନାହିଁ–ରବୀନ୍ଦ୍ର ମହାପାତ୍ର

ଆଧ୍ୟାତ୍ମିକ ଧାରାବାହିକ 'ଶ୍ରୀ ଜଗନ୍ନାଥ'ର 'ଝୁଲେ ଝୁଲେରେ ଝୁଲଣା..' 'ହଟିଆ ଠାକୁର ନାଟ ଲଗେଇଛ..'ଗୀତ ଶୁଣିଲେ ଆଖି ଆଗରେ ନାଚି ଉଠିବ ଭଜନ ସମ୍ରାଟ ଭିକାରୀ ବଳଙ୍କ ମୁହଁ। ଲାଗିବ ସେ ହିଁ ଏ ଗୀତ ଗାଉଛନ୍ତି। ହେଲେ ଏ କଣ୍ଠ ତାଙ୍କର ନୁହେଁ, ଏହାର ଗାୟକ ହେଉଛନ୍ତି ରବୀନ୍ଦ୍ର ମହାପାତ୍ର। ଯିଏକି ଏବେ ଓଡିଶାର ଘରେ ଘରେ ପରିଚିତ ଭିକାରୀ ବଳଙ୍କ ଭଳି କଣ୍ଠ ପାଇଁ। ଭୁବନେଶ୍ୱର, ବାଲିଅନ୍ତାର ବଇଁଚୁଆରେ ତାଙ୍କର ଘର। ସେ କହନ୍ତି, 'ଶ୍ରୀ ଜଗନ୍ନାଥ' ଧାରାବାହିକର ଏଇ ଗୀତ ଶୁଣି ଅନେକେ ଆଶ୍ଚର୍ଯ୍ୟ ହୋଇଥିଲେ ଇହଧାମ ତ୍ୟାଗ କରିଥିବା ଭିକାରୀ ବଳ ପୁଣି ଏଇ ଗୀତ ଗାଇଲେ କେମିତି ? ହେଲେ ମତେ ଆତ୍ମସନ୍ତୋଷ ମିଳିଥିଲା ଯେ, ଯାହା ହେଉ ସେହି ଅମୃତ କଣ୍ଠ ସହିତ ମୋ କଣ୍ଠର କିଛିଟା ସାମଞ୍ଜସ୍ୟ ରହିଛି। ପିଲାଟି ଦିନରୁ ହିଁ ମୁଁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଗୀତକୁ ଅନୁସରଣ କରିଆସିଛି। ଆମ ପରିବାରର ସମସ୍ତେ ଭଲ ସଙ୍ଗୀତର ରୁଚି ରଖୁଥିଲେ। ତେଣୁ ଘରେ ଭିକାରୀ ବଳ, ନିମାଇଁ ହରିଚନ୍ଦନଙ୍କର ଅନେକ କ୍ୟାସେଟ୍ ଥିଲା। ତେବେ ଭିକାରୀ ବଳଙ୍କ ଭାବରେ ଭରା ଗୀତ ମତେ ବହୁତ ଭଲ ଲାଗୁଥିଲା। ସେଥିପାଇଁ କ୍ୟାସେଟ୍‌ରୁ ତାଙ୍କ ଗୀତ ଶୁଣି ତାଙ୍କ ଭଳି ଗାଇବାକୁ ଚେଷ୍ଟା କରୁଥିଲି। ଚତୁର୍ଥ ଶ୍ରେଣୀ ପଢିବାବେଳର କଥା, ଜେଜେ ମୋ ଗୀତ ଶୁଣି କହିଲେ ଇଏ ଭଲ ଗାଉଛି। ଯାକୁ ଗୀତ ଶିଖାଅ। ବାପାଙ୍କୁ ବହୁତ କହିଲେ। ଆଉ ବାପା ମତେ ଗୁରୁ ଯୁଧିଷ୍ଠିର ସାହୁଙ୍କ ପାଖରେ ଓଡ଼ିଶୀ ସଙ୍ଗୀତ ଶିଖେଇଲେ। ସେତେବେଳେ ଅନେକ ସମୟରେ ମୁଁ ସନ୍ଧ୍ୟାରେ ରାମ ମନ୍ଦିର ଓ ବୈକୁଣ୍ଠନାଥ ଆଶ୍ରମକୁ ଗୀତ ଗାଇବାକୁ ଯାଉଥିଲି। ସେଥିପାଇଁ କିଛି ଲୋକ ମୁଁ ଗୀତ ଗାଏ ଓ ଖାସ୍ କରି ଭିକାରୀ ସାର୍‌ଙ୍କ ଗୀତ ଗାଏ ବୋଲି ମଧ୍ୟ ଜାଣିଥିଲେ। ତେଣୁ ସଙ୍ଗୀତ କାର୍ଯ୍ୟକ୍ରମ ହେଲେ କେହି କେହି ଷ୍ଟେଜ୍ ପରଫରମାନ୍ସ ପାଇଁ ଡାକୁଥିଲେ। ଏମିତିରେ ଥରେ ୧୦ମ ଶ୍ରେଣୀରେ ପଢିବାବେଳେ ଷ୍ଟେଜ୍‌ରେ ଗୀତ ଗାଉଥାଏ। ସୌଭାଗ୍ୟକୁ ଭିକାରୀ ବଳ ସେଠାକୁ ଆସିଥିଲେ। ସେଦିନ ମତେ କେତେ ଖୁସି ଲାଗିଥିଲା କହିହେବନି। ଲୋକଙ୍କ ଗହଳି ଲାଗିଥିଲା ତାଙ୍କୁ ଦେଖିବା ଓ ତାଙ୍କ ଆଶୀର୍ବାଦ ନେବା ପାଇଁ। ମୁଁ ବି ଷ୍ଟେଜ୍‌ରୁ ଓହ୍ଲେଇ ତାଙ୍କ ପାଦ ଛୁଇଁ ପ୍ରଣାମ କଲି। ହେଲେ ଭିଡ ଭିତରେ ସେ ମତେ ଅନେଇ ନ ଥିଲେ। ମୁଁ ଆଉ ଥରେ ଯାଇ ମୁଣ୍ଡିଆ ମାରିଥିଲି। ସେଦିନ ଭିକାରୀ ସାର୍‌ଙ୍କୁ ଛୁଇଁ ପାରିଥିବାରୁ ମନ ଗଗନ ପବନରେ ଉଡୁଥିଲା। କାରଣ ମତେ ସବୁବେଳେ ଲାଗେ ଭିକାରୀ ବଳ, ନିମାଇଁ ହରିଚନ୍ଦନଙ୍କ ପରି ଗାୟକଙ୍କୁ ଭଗବାନ ଜାଣିଶୁଣି ଜନ୍ମ ଦେଇଥିଲେ ଭାବ ଭକ୍ତିର ଧାରା ପ୍ରସାର କରିବା ପାଇଁ। ସେଥିପାଇଁ ତ ସେମାନଙ୍କ କଣ୍ଠରେ ଭାବର ରସ ଭରି ରହିଥିଲା। ସେମାନେ ନିଜ କଣ୍ଠର ଯାଦୁକରୀରେ ଲୋକଙ୍କୁ ଭାବରେ ହଜାଇ ମଜାଇ ପାରୁଥିଲେ। ଲୋକଙ୍କ ମଧ୍ୟରେ ଐଶ୍ୱରିକ ଭାବ ଭରିଦେଇ ପାରୁଥିଲେ। ସେଇ କଣ୍ଠର ଯାଦୁକରୀରୁ ମୁଁ ବା କେମିତି ମୁକୁଳି ପାରିଥାଆନ୍ତି। ତାଙ୍କ ଗୀତ ମୋ ଜୀବନ ପାଲଟି ଯାଇଥିଲା। ଯୁକ୍ତ୨ ପଢ଼ିବା ବେଳର କଥା। ରୂପାଲି ଛକ ପାଖରେ ରହୁଥିବାବେଳେ ଘର ପାଖରେ ଗଣେଶ ପୂଜା ପାଇଁ ପ୍ରୋଗ୍ରାମ ହେଉଥାଏ। ଚିହ୍ନା ଭାଇ ଜଣେ ମତେ ଗାଇବାକୁ କହିଥିଲେ। ସେଠି ମୁଁ ଭିକାରୀ ବଳଙ୍କର ଗୀତ ଗାଇଥିଲି। ସେଠାକୁ ସୁମନ୍ତ ମହାନ୍ତି ଭାଇ ଆସିଥିଲେ। ସେ ମୋ ଗୀତ ଶୁଣି ଖୁସି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ହିଁ ମତେ ଗାଇବାକୁ ସୁଯୋଗ ଦେଲେ। ଆଉ ଆଚାର୍ଯ୍ୟ ବିହାରରେ ଥିବା 'ଭଏସ୍ ମାଷ୍ଟର' ଷ୍ଟୁଡିଓରେ ରେକର୍ଡିଂ ହେଲା ମୋର ପ୍ରଥମ ତିନୋଟି କ୍ୟାସେଟ୍‌ର ଗୀତ, ଯାହାକି ଥିଲା ଭିକାରୀ ବଳଙ୍କ ଲୋକପ୍ରିୟ ଗୀତର ରିମିକ୍ସ। ଗୀତଗୁଡିକ ବେଶ୍ ଲୋକାଦୃତ ହେଲା। ଏହାପରେ ମୋ ମନରେ ଭିକାରୀ ବଳଙ୍କ ସହ ଆଉ ଥରେ ଦେଖା କରିବାର ଲୋଭ ବଢ଼ି ଯାଇଥିଲା। ହେଲେ ସାହସ ହେଉ ନ ଥାଏ ଛୋଟିଆ କଳାକାରଟିଏ ହୋଇ ଏତେ ବଡ଼ ଜ୍ଞାନୀ, ଗୁଣୀଙ୍କ ସହ କିଭଳି ଦେଖା କରିବି। ତେବେ ମତେ ଯେବେ ୨୫ ବର୍ଷ ବୟସ, ଜାଣିବାକୁ ପାଇଲି ଭିକାରୀ ସାର୍ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ପାଇଁ ଶଯ୍ୟାଶାୟୀ ହୋଇଯାଇଛନ୍ତି। ତାଙ୍କୁ ଟିକେ ଦେଖିବାକୁ ମନ ଆଉଟୁ ପାଉଟୁ ହେଉଥାଏ। ଭଗବାନ ବୋଧେ ମୋ ମନର କଥା ବୁଝିପାରିଥିଲେ। ଦିନେ ବଡ ଭାଇନା ଅରବିନ୍ଦ ମୁଦୁଲି ମତେ ଫୋନ୍ କରି କହିଲେ-ତୁମେ ଥରେ ଯାଉନ ଭିକାରୀ ବଳଙ୍କୁ ଦେଖା କରି ଆସିବ। ମହାପ୍ରଭୁଙ୍କ ନିର୍ଦ୍ଦେଶ ଭାବି ଆଗପଛ ନ ଭାବି ତାଙ୍କ ଘରକୁ ଛୁଟିଲି। ଆଉ ଯେତେବେଳେ ତାଙ୍କୁ ଆଖି ସାମ୍ନାରେ ଦେଖିଲି ବିଶ୍ୱାସ ହେଉ ନ ଥିଲା, ଯାହାଙ୍କୁ ମନ ମନ୍ଦିରରେ ଗୁରୁଭାବେ ପୂଜା କରୁଛି ସେ ମୋ ପାଖରେ ବୋଲି। ହେଲେ ସେ ଖୁବ୍ ଅସୁସ୍ଥ ଥାଆନ୍ତି। ମଝିରେ ମଝିରେ ତାଙ୍କର ସ୍ମୃତିଶକ୍ତି ଚାଲି ଯାଉଥିଲା। ଯେତେବେଳେ ଫେରୁଥିଲା ସେ ଜୟ ଜଗନ୍ନାଥ.. ଜୟ ଜଗନ୍ନାଥ.. କହୁଥାଆନ୍ତି। ଏହି ସମୟରେ ଥରେ ତାଙ୍କ ନଜର ମୋ ଆଡେ ପଡିଲା। ଆଉ ହାତ ଟେକି ମତେ ଆଶୀର୍ବାଦ ଦେଲେ। ତା'ପରେ ପୁଣି ସ୍ମରଣଶକ୍ତି ଚାଲି ଯାଇଥିଲା। ଯେବେ ସ୍ମରଣଶକ୍ତି ଫେରିଲା ପରିବାର ଲୋକଙ୍କୁ ପଚାରିଲେ ଖାଇବାକୁ ଦେଇଛ ତ ? ଆଶ୍ଚର୍ଯ୍ୟ ଲାଗୁଥାଏ ସତରେ କି ମଣିଷ ସିଏ ? ଏଭଳି ଅବସ୍ଥାରେ ବି ଆତିଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି। ତାଙ୍କ ସ୍ନେହ ଆଦର ସେଦିନ ମୋ ହୃଦୟ ଛୁଇଁଥିଲା। ସେଠି ମୁଁ ସାର୍‌ଙ୍କର ଦୁଇଟି ଗୀତ 'ଏ କଳି କାଳରେ ଘୋର ଦୁର୍ଦ୍ଦିନରେ...,' ଓ 'ମନ ପାରାରେ...' ଗାଇଥିଲି। ଏଇ ଗୀତ ଶୁଣି ଭିକାରୀ ସାର୍ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ତାଙ୍କ କାନ୍ଦ ଦେଖି ମୁଁ ବି କାନ୍ଦି ପକାଇଥିଲି। ସେଦିନର ଅନୁଭୂତି ମୁଁ କେବେ ଭୁଲି ପାରିବି ନାହିଁ। ତାଙ୍କ ସହ ସେଇ ଦେଖା ଥିଲା ମୋର ଶେଷ ଦେଖା। ଭଲ ଗୀତ ଓ ଭଲ ଧାରାରେ ଥିବାରୁ ମତେ ସବୁବେଳେ ଆତ୍ମସନ୍ତୋଷ ମିଳେ। ଶସ୍ତା ଗୀତ ଗାଇ ଶସ୍ତା ଲୋକପ୍ରିୟତା ପାଇବା ଅପେକ୍ଷା ଭଲ ଗୀତ ଗାଇ କମ୍ ଲୋକପ୍ରିୟତା ପାଇବାକୁ ମୁଁ ବେଶି ପସନ୍ଦ କରେ।

## ସୋନୁ ନିଗମ ମୋ ଗୀତକୁ ପସନ୍ଦ କରିଥିବାରୁ ଖୁସିଲାଗେ–ସନତ ପାଣିଗ୍ରାହୀ

ବରଗଡ଼ରେ ମୋ ଘର। ଛୋଟବେଳୁ ଗୀତ ଗାଇବାକୁ ମୋତେ ଭଲ ଲାଗୁଥିଲା। ତେବେ ବଡ଼ ହେବା ସହ ସୋନୁ ନିଗମ୍‌ଙ୍କ ସ୍ୱର ମୋର ପ୍ରିୟ ହୋଇଗଲା। ତାଙ୍କ ସ୍ୱରର ଯାଦୁରେ ମୁଁ ମତୁଆଲା ହେଇଯାଉଥିଲି। ତେଣୁ ତାଙ୍କ ପରି ଗାଇବାକୁ ଚେଷ୍ଟା କରୁଥିଲି। ସ୍କୁଲ ପ୍ରତିଯୋଗିତାରେ ତାଙ୍କର ଓଡ଼ିଆ ଭଜନ ଗାଉଥିଲି। ତେବେ ବିଧିବଦ୍ଧ ସଙ୍ଗୀତ ଶିକ୍ଷା ପାଇ ନ ଥିବାରୁ ଅଷ୍ଟମ, ନବମ ଶ୍ରେଣୀରେ ପ୍ରାୟ ଦେଢବର୍ଷ ଗୀତ ଶିଖିଲି। ଯଦିଓ ପାଠପଢ଼ା ଲାଗି ପରେ ଗୀତ ଶିଖିବା ବନ୍ଦ ହୋଇଗଲା। ହେଲେ ଗ୍ରାଜୁଏଶନ୍ ପାଇଁ ଯେତେବେଳେ କଟକର ରେଭେନ୍‌ଶା କଲେଜ ଆସିଲି ମୋ ଗୀତ ଗାଇବାର ଧାରା ପୁଣି ଆରମ୍ଭ ହୋଇଗଲା। ବିଭିନ୍ନ ପ୍ରତିଯୋଗିତାରେ ଗାଇଲି। ସୋନୁ ନିଗମଙ୍କ ଭଳି ଗାଉଥିବାରୁ ସେଠି ମୋର ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଯାଇଥିଲା। କଟକର କଲେଜ ଛକରେ ସବୁବର୍ଷ ଦଶହରାବେଳେ ମେଲୋଡି ହୁଏ। ସେହି କମିଟିର ସଦସ୍ୟ ଜାଣିଥିଲେ ମୁଁ ଗୀତ ଗାଏ ବୋଲି। ତେଣୁ ସେମାନେ ମୋତେ ସୁଯୋଗ ଦେଲେ ଗାଇବାକୁ। ଏହା ୨୦୧୭ର କଥା। ପ୍ରଥମକରି ମୁଁ ଷ୍ଟେଜ୍‌ରେ ଅର୍କେଷ୍ଟ୍ରାରେ ଗୀତ ଗାଇଥିଲି। ଏହାପରେ ମତେ ବିଭିନ୍ନ କାର୍ଯ୍ୟକ୍ରମରେ ଡକାଗଲା। କହିବାକୁ ଗଲେ କଟକ ମାଟି ମତେ ପରିଚୟ ଦେଇଛି। ଯଦିଓ ମୁଁ ଅର୍କେଷ୍ଟ୍ରାରେ ସମ୍ବଲପୁରୀ, ରକ୍, ଗଜଲ ସବୁ ପ୍ରକାରର ଗୀତ ଗାଉଛି। ହେଲେ ଯାହାବି ଗାଏ ସେଥିରେ ମୁଁ ସୋନୁ ନିଗମ୍‌ଙ୍କ ପରି ହରକତ୍ ଦିଏ। ତାଙ୍କ ଶୈଳୀକୁ ମିଶାଇବାକୁ ଚେଷ୍ଟା କରେ। କିଛି ଲୋକ ଏହାକୁ ପ୍ରଂଶସା କରନ୍ତି ତ ଆଉ କିଏ କହନ୍ତି ତୁମର ଟିମ୍ବର, ହରକତ୍ ସୋନୁଙ୍କ ଭଳି ତାକୁ ବଦଳାଅ। ହେଲେ ସେମାନଙ୍କର ସେଇ କଥା ମତେ ଭଲ ଲାଗେ। ଭଗବାନଙ୍କୁ ଧନ୍ୟବାଦ ଦିଏ ଯେ, ଯାହା ହେଉ ଲୋକ ମତେ ସୋନୁ ନିଗମ୍‌ଙ୍କ ସହ ତୁଳନା କରୁଛନ୍ତି। ହେଲେ ମୁଁ ଜାଣେ, ସାତ ଜନ୍ମରେ ବି ତାଙ୍କ ଭଳି ଗାଇ ପାରିବିନି। ଅନେକଥର ଷ୍ଟେଜ୍‌ରେ ଗାଉଥିବା ତାଙ୍କ ଗୀତକୁ ମୁଁ ରେକର୍ଡିଂ କରି ସେହି ଭିଡିଓକୁ ସୋନୁ ନିଗମ୍‌ଙ୍କ ଫେସ୍‌ବୁକ୍ ଆଇଡିରେ ଶେୟାର କରିଥାଏ। ନିକଟରେ ଅବିଶ୍ୱସନୀୟଭାବେ ସୋନୁ ନିଗମ୍ ମୋର ଏକ ଭିଡିଓ ଉପରେ କମେଣ୍ଟ ଦେଇ ବହୁତ ପ୍ରଶଂସା କରିଥିଲେ। ଏମିତିକି ସେହି ଭିଡିଓକୁ ନିଜ ପର୍ସନାଲ ଫେସବୁକ୍ ଆଇଡିରେ ବି ଶେୟାର କରିଥିଲେ। ସେଦିନ ମୋ ଖୁସିର ସୀମା ନ ଥିଲା। ଏବେ ମୋ ମନରେ ଗୋଟିଏ ସ୍ୱପ୍ନ ଅଛି। ସେ ହେଉଛି ଜୀବନରେ ଯେମିତି ବି ହେଉ ଥରେ ତାଙ୍କ ସହ ଦେଖା କରିବି। ଆଉ ତାଙ୍କ ପାଦ ଛୁଇଁ ନିଶ୍ଚୟ ଆଶୀର୍ବାଦ ନେବି। ଏବେ ମୁଁ ବିଭିନ୍ନ ଷ୍ଟେଜ୍ ଶୋ' ପାଇଁ ବ୍ୟସ୍ତ ରହୁଛି। ସଙ୍ଗୀତ କ୍ଷେତ୍ରରେ ଯେତିକି ବାଟ ବି ଆଗେଇଛି ସେଥିରେ ପରିବାର ଲୋକଙ୍କର ବି ସହଯୋଗ ରହିଛି। ଜୀବନରେ ମୁଁ ଏତିକି ଚାହେଁ ଯେମିତିକି ମରିବାପରେ ଲୋକ କହିବେ ଜଣେ ଭଲ ମଣିଷ ଓ ଭଲ କଳାକାର ଚାଲିଗଲା ବୋଲି।

–ଶିବାନୀ ମହାନ୍ତି






# ନାଟକ ମୋ ହୃଦୟ, ସଂଳାପ ମୋ ସ୍ପନ୍ଦନ

ନାଟକ ଦର୍ଶକଙ୍କୁ କେବଳ ମନୋରଞ୍ଜନ ଦିଏ ତା'ନୁହେଁ ବରଂ ସମାଜର ନିଚ୍ଛକ ଛବି ନାଟକରେ ହିଁ ପ୍ରତିଫଳିତ ହୋଇଥାଏ ; ଯାହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ତେବେ ଜୀବନର ପ୍ରତି ଘଟଣା ହେଉଛି ନାଟକ। ଏଥିପାଇଁ ନାଟକକୁ ନେଇ ସେ ପ୍ରାୟ ହଜାରେ ପ୍ରକଳ୍ପ ତିଆରି କରିଛନ୍ତି। ତାଙ୍କରି ଜରିଆରେ ଅନେକ ଛାତ୍ରୀଛାତ୍ର ନାଟକ ସମ୍ପର୍କରେ ଏମ. ଫିଲ ଡିଗ୍ରୀ ହାସଲ କରିଛନ୍ତି। ଏମିତି କି ସେ 'ଓଡ଼ିଆ ନାଟକରେ ସମାଜ ସଂସ୍କାର' ବିଷୟକୁ ନେଇ ପିଏଚ.ଡି. ହାସଲ କରିଛନ୍ତି । ଅନ୍ୟପକ୍ଷେ ଦୀର୍ଘ ୩୧ବର୍ଷ ଧରି ଏକ ନାଟକ ଅନୁଷ୍ଠାନ ଗଢ଼ି ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ସେବାକୁ ଚାଲୁ ରଖି ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଆୟୋଜନ କରିବାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏକ ଧାରାରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗବେଷକ ଓ କଳାପ୍ରେମୀ ସଂଗଠକ । ସେ ହେଲେ ଡ. ସମର ମୁଦାଲି । ଜନ୍ମ ୦୮।୦୧।୧୯୫୬ମସିହା। ପିତା ସଦାଶିବ ମୁଦାଲି, ମା' ଶୈଳବାଳା ମୁଦାଲି। ପରିବାରରେ ମା'ବାପାଙ୍କର ୪ପୁଅଙ୍କ ମଧ୍ୟରେ ତାଙ୍କର ସ୍ଥାନ ୨ୟରେ । ଘର କଟକ ଜିଲାର ଅଲିଙ୍ଗ ଗାଁରେ। କିନ୍ତୁ ସେ ବହୁଦିନ ଧରି ରହିଆସୁଛନ୍ତି ଶୈଳନିବାସ, ଶକ୍ତିନଗର, ରାଉରକେଲାରେ। ସେ କୁହନ୍ତି, ପିଲାଦିନେ ୫ମ ଶ୍ରେଣୀରେ ପଢୁଥିବାବେଳେ ନାଟକରେ ଅଭିନୟ କରିଥିଲି। ପୁଣି ରଜ ସମୟରେ ଗାଁକୁ ଆସିଲେ ସାଙ୍ଗସାଥୀମାନେ ମିଶି ଲୁଗାଟାଣି ଯାତ୍ରାମଞ୍ଚ ତିଆରି କରି ଡ୍ରାମା କରୁଥିଲୁ। ଅଭିନୟ ବେଳେ ଘରୁ ପାଉଡର ନେଇ ମୁହଁରେ ମାଖି ବେଶ ହେଉଥିଲୁ। ଏମିତିରେ ମୋ ପାଠପଢ଼ା ସେକ୍ଟର-୨, ରାଉରକେଲା ଉପ୍ରା ବିଦ୍ୟାଳୟରେ, ତା'ପରେ ସେକ୍ଟର-୧୮ ଇସ୍ପାତ ଉଚ୍ଚବିଦ୍ୟାଳୟରେ ହୋଇଥିଲା। ଏହାପରେ ସରକାରୀ ମହାବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓଡ଼ିଆ, ଏମ.ଫିଲ ଓଡ଼ିଆ, ଏଲଏଲବି ହାସଲ କରିସାରିଛି। ୧୯୭୯ରେ ବୀରମିତ୍ରପୁରରେ ଶ୍ରମଶକ୍ତି ମହାବିଦ୍ୟାଳୟରେ ପ୍ରଥମେ ଅଧକ୍ଷଭାବେ କାର୍ଯ୍ୟ କରିଥିଲି। ୧୯୮୧ରେ ରାଉରକେଲା ଇସ୍ପାତ କଲେଜରେ ଏବଂ ୧୯୮୬ରେ ଓଡ଼ିଆ ନାଟକରେ ସମାଜ ସଂସ୍କାର ବିଷୟରେ ପିଏଚ.ଡି. ହାସଲ କରିସାରିଛି। ୧୯୯୩ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗୀୟ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିବା ବେଳେ ୨୦୦୦ରେ ପ୍ରଫେସରଭାବେ ଉର୍ତ୍ତୀର୍ଣ୍ଣ ହୋଇ ୨୦୧୬ ଜାନୁୟାରୀରେ ଅବସର ନେଇସାରିଛି। ଏମିତିରେ ଜୀବନଧାରା, ପ୍ରଗତିପଥେ, ପିୟୁପା, ଭିନ୍ନ ଏକ ଧର୍ମ, ସମ୍ପର୍କରେ, ପରାଜିତ ପଦାତିକ, ଏତେ ସ୍ୱପ୍ନ ପାଇଁ ରାତି କାହିଁ, ଅଜଣା ରାଇଜ, ନୂଆ ଦୁନିଆ, ପ୍ରତିବାଦ, ପ୍ରାୟଶ୍ଚିତ୍ତ, ପରୀ, ସାଉଁଟା ସପନ, ଭାବାନ୍ତର, ସାବଧାନ, ଯା ଦେବୀ ସର୍ବଭୂତେଷୁ, ନୋ-ଟେନ୍‌ସନ, ମହାସଂଗ୍ରାମ, ପଥପ୍ରାନ୍ତ ନାଟକ 'ସୁକନ୍ୟା' ଆଦି ୨୧ଟି ନାଟକ ରଚନା କରିପାରିଛି। ବିଭିନ୍ନ ପତ୍ରପତ୍ରିକାରେ ପ୍ରାୟ ଶତାଧିକ ନାଟକଧର୍ମୀ ଭିନ୍ନ ଭିନ୍ନ ଲେଖା ପ୍ରକାଶିତ ହୋଇଛି। ୧୯୮୮ରେ 'ମୃତ୍ୟୁପରେ ଜୀବନ' ଓ 'ବାଘାଯତୀନ' ଆଦି ଟେଲିଫିଲ୍ମରେ ଅଭିନୟ କରିପାରିଛି। ୫ଟି ବେତାର ନାଟକରେ ଅଭିନୟ କରିପାରିଛି। ଏଥିସହିତ ପ୍ରାୟ ୫୫ରୁ ଉର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇସାରିଲାଣି । ଭୁବନେଶ୍ୱର, କଟକ, କେନ୍ଦୁଝର, ରାଉରକେଲା, ଦାମନଯୋଡ଼ି, ହିଣ୍ଡାଲ୍‌କୋ ସମେତ ରାଜ୍ୟର ଅନେକ ସ୍ଥାନରେ ନାଟକ ମଞ୍ଚସ୍ଥ ହୋଇସାରିଛି। ଏପରି କି ରାଜ୍ୟ ବାହାରେ ଆଲ୍ଲାହାବାଦରେ ମଧ୍ୟ ନାଟକ ମଞ୍ଚସ୍ଥ ବେଳେ ଯାଇଥିଲି। ପ୍ରକାଶିତ ନାଟ୍ୟ ସମାଲୋଚନା ପୁସ୍ତକଭାବେ- ସ୍ରଷ୍ଟା, ସୃଷ୍ଟି, ସମୀକ୍ଷା, ସମାଲୋଚନା, ମିଶ୍ରରାଗ, ଓଡ଼ିଆ ନାଟ୍ୟ ସାହିତ୍ୟ, ମୁଁ ଓ ମୋ ନାଟ୍ୟଜୀବନ, ଧନୁଯାତ୍ରା, ସ୍ରଷ୍ଟା ଓ ସୃଷ୍ଟି, ନାଟକର ସଂଜ୍ଞା ଓ ସ୍ୱରୂପ, ନାଟକ ନାଟ୍ୟକାର ଓ ନାଟ୍ୟଧାରା, ସୋନପୁର ଅଞ୍ଚଳର ଲୋକନାଟକ, ସୁନ୍ଦରଗଡ଼ର ଲୋକନାଟକ ଓ ଅନାଲୋଚିତ ନାଟ୍ୟ ପ୍ରତିଭା, ମୁଁ ଓ ମୋ ନାଟକ, ପଶ୍ଚିମ ଓଡ଼ିଶାର ନାଟ୍ୟ ପ୍ରତିଭା। ରାଉରକେଲାରେ ନାଟ୍ୟପ୍ରେମୀ କଳାକାର ମାନଙ୍କୁ ନେଇ ୧୯୮୨ରେ 'ସ୍ପନ୍ଦନ' ନାମକ ଏକ ଅନୁଷ୍ଠାନ ଗଠନକରି ଏହା ଜରିଆରେ ସାଂସ୍କୃତିକ, ସାହିତ୍ୟ ଓ ସମାଜସେବା କରିବାର ପ୍ରୟାସ ଜାରିରହିଛି। ଏବେ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛି। ବର୍ଷକୁ ପ୍ରାୟ ୩ଟି କାର୍ଯ୍ୟକ୍ରମ କରିଆସୁଛୁ ଯଥା ୫ବର୍ଷଧରି ସର୍ବଭାରତୀୟ ଆଦିବାସୀ ଥିଏଟର ଉତ୍ସବ, ୧୬ବର୍ଷ ଧରି ସର୍ବଭାରତୀୟ ଶିଶୁମହୋତ୍ସବରେ ଛୋଟପିଲାଙ୍କ ପ୍ରତିଭାର ବିକାଶ ଦିଗରେ (ନୃତ୍ୟ, ଗୀତ, ଚିତ୍ର ଓ କୁଇଜ)ରେ ଭାଗନେବାର ସୁବିଧା ସୃଷ୍ଟି କରାଯାଇଥାଏ। ସେହିପରି ପ୍ରାୟ ୩୧ବର୍ଷ ଧରି ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟମହୋତ୍ସବ ହୋଇଆସୁଛି। ୨୦୧୦ରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗରେ ନାଟକ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଶିକ୍ଷା ଉପରେ ପ୍ରାୟ ୨୫ବର୍ଷ ଧରି ଡ୍ରାମା ବିଶେଷ ପତ୍ରିକାରେ ପଢାଇଛି। ଏମିତିରେ ପ୍ରାୟ ୧ହଜାର ଛାତ୍ରୀଛାତ୍ର ନାଟକ ସମ୍ପର୍କରେ ପ୍ରକଳ୍ପ କରିଛନ୍ତି। ୧୦୬ଜଣ ଏମ.ଫିଲ ଡିଗ୍ରୀ ପାଇଛନ୍ତି। ମୋ ଅଧୀନରେ ଡ୍ରାମା ଉପରେ ପ୍ରାୟ ୨୫ଜଣ ପିଏଚ.ଡି. କରିସାରିଛନ୍ତି। ବୀରମିତ୍ରପୁର କଲେଜରେ ବାଳିକାମାନେ କିପରି ଡ୍ରାମାରେ ଅଭିନୟ କରିପାରିବେ ସେଥିପାଇଁ ସୁଯୋଗ ସୃଷ୍ଟି କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ନାଟ୍ୟଜ୍ୟୋତି ମହୋତ୍ସବରେ ଆନ୍ତଃ ମହାବିଦ୍ୟାଳୟ ଓ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା। ମୋ ପ୍ରତିଭା ପାଇଁ ଉତ୍କଳ ସମ୍ମିଳନୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ, ସୋନପୁର କଲେଜ, ହିଣ୍ଡାଲ୍‌କୋ, ସମ୍ପର୍କ ଅନୁଷ୍ଠାନ, ଶ୍ୱେତପଦ୍ମା, ନାଟ୍ୟଶ୍ରୀ, ମଞ୍ଚରତ୍ନ, ନାଟ୍ୟ ଗୌରବ, କଳା ଗୌରବ, ଅନ୍ତର୍ଜାତୀୟ ଥିଏଟର ସମ୍ମାନ, କଳାକାର ସମ୍ମାନ, ଆଦିକବି ସାରଳା ଦାସ ସମ୍ମାନ, ସଂସ୍କୃତିରତ୍ନ ସମ୍ମାନ-୨୦୧୬, କଳାଭୂଷଣ ଆଦି ବହୁ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନ ମିଳିଛି। ମୋ ପରିବାର କହିଲେ ମୋ ପତ୍ନୀ ଜଣେ ଗୃହିଣୀ, ଦୁଇ ଝିଅ ବିବାହିତ। ଜଣେ ଫେଶନ ଡିଜାଇନର, ଆଉଜଣେ ଇଞ୍ଜିନିୟର। ଏବେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର କାର୍ଯ୍ୟକାରୀ କମିଟିର ସଦସ୍ୟ ରହିଛି। ରାଉରକେଲା ଅଞ୍ଚଳର ପ୍ରାୟ ୨୨ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଏକତ୍ର ଗଠିତ ଅନୁଷ୍ଠାନର ସଭାପତି ରହିଛି। ଅନେକ ଶିକ୍ଷାନୁଷ୍ଠାନର ସାଂସ୍କୃତିକ ବିଭାଗରେ ମଧ୍ୟ କାର୍ଯ୍ୟ କରିଆସୁଛି । ମୋର ମନେପଡୁଛି ରାଉରକେଲାରେ ଥରେ ମୋର ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ସରିବା ପରେ ଜଣେ ବୟସ୍କ ବ୍ୟକ୍ତି ଆସି ମତେ କହିଲେ, ଆପଣ ମୋ ଘରର ସମସ୍ୟା କିପରି ଜାଣିଲେ, ମତେ ଟିକେ ଏହାର ସିଡୀ ଦିଅନ୍ତୁ। ହୁଏତ ତାହାକୁ ଦେଖି ମୋ ପରିବାର ବଦଳିଯିବ, ମତେ ଟିକେ ଶାନ୍ତି ମିଳିବ। କାରଣ ଏମିତି ନାଟକରେ ପୂରା ସାଧାରଣ ଲୋକଙ୍କ କଥାକୁହା କଥାକୁ ହିଁ ସଂଳାପରେ ଫୁଟାଇଥିଲି। ମୋ ମତରେ ନାଟକ କହିଲେ, ନାଟକ ଏକ ପ୍ରଦର୍ଶନ କଳା, ଯାହାକୁ ଶୁଣିବା ସହିତ ଦେଖାଯାଇଥାଏ। ମନୋରଞ୍ଜନ ସହିତ ସମାଜ ସୁଧାରିବାରେ କାହାଣୀଧର୍ମୀ ନାଟକ ଲେଖେ। ପରୋକ୍ଷରେ ସମାଜକୁ ଶିକ୍ଷା, ସଂସ୍କାରର ବାର୍ତ୍ତା ମିଳେ। ନାଟକ ମୋ ହୃଦୟ, ସଂଳାପ ମୋ ସ୍ପନ୍ଦନ ; ଯାହା ଚଳନ୍ତି ଘଟଣାବଳୀକୁ ନେଇ ଗତିଶୀଳ ହୋଇଥାଏ।

**-ବନବିହାରୀ ବେହେରା**










# ତୋର ମୋର ସାଙ୍ଗ

– ଶିବ ମିଶ୍ର

ଗାଁ ଟିଏ । ଗାଁ ଭିତରେ ଛଣ ଛାଉଣିଆ ଘରଟିଏ । ସେ ଘରେ ରହୁଥିଲେ ବାପଟିଏ ଆଉ ପୁଅଟିଏ । ପୁଅକୁ ବାପ ଘରୁ ବାହାରକୁ ଆଣି ତା'ର ହାତଧରି ଚାଲିବା ଶିଖାଇଲା । ବାଟରେ ଖାଲଖମା ପଡ଼ିଲେ ପୁଅର ଡେଣା ଧରି ଟେକିନେଲା । ଏମିତି କିଛି ବାଟ ଗଲା ପରେ ବାପ ଆଉ ପୁଅର ହାତ ଧରିଲାନି । ନିଜେ ଆଗରେ ଚାଲିଲା, ପୁଅକୁ ଦମ୍ଭିଲା ପାଦ ପକାଇ ଚାଲିବାକୁ କହିଲା । ଏମିତି ଚାଲୁ ଚାଲୁ ପଛରେ ଆସୁଥିବା ପୁଅ ଦିନେ ଆଗକୁ ବଢ଼ିଗଲା । ପଛରେ ପଡ଼ିଯାଇଥିବା ବାପା ଏବେ ପୁଅ ପାଦକୁ ନିଘା କରି ବାଟ ଚାଲିଲା । ବାପର ଥର ଥର ଥରିଲା ଗୋଡ଼କୁ ନ ଚାହିଁ, ତା'ର ଲୋଚାକୋଚା ମୁହଁ ଆଗରେ ଆଙ୍ଗୁଠି ହଲାଇ ପୁଅ କହିଲା– ଏମିତି ଚାଲିଲେ କେମିତି ହେବ ?

ଏଣିକି ପୁଅ ତା' ନିଜ ବାଟରେ ଏତେ ଲମ୍ବାପାଦ ପକାଇ ଚାଲିବା ଆରମ୍ଭ କଲା ଯେ, ବାପର ଗୋଡ଼, ପୁଅର ପାହୁଣ୍ଡ ସହିତ ଯୋଡ଼ଦେଇ ପାରିଲାନି । ବାପଠାରୁ ପୁଅ ଦୂରେଇଗଲା ଯେ ଗଲା । ତା'ର ଲେଞ୍ଜୀରାଲେସା, କୋରଡିଆ ଆଖିକୁ ଆଉ ପୁଅର ଛାଇ ଦିଶିଲାନି । ଏଣେ ବାଟ ମଝିରେ ଏକ ବିରାଟ ଖାଲ । ଆଉ ସାମ୍ନାରେ ସୂର୍ଯ୍ୟ ବୁଡ଼ିବା ବେଳ । ସାହାରା ଦେବାକୁ କିଏ ଜଣେ ସାଙ୍ଗ ମିଳିଗଲେ, ଏଇ ଖାଲ ଖଣ୍ଡକ ପାର ହୋଇଯିବ ବୋଲି ଭାବି ସିଏ ଏପଟସେପଟକୁ ଚାହିଁଲା ବେଳକୁ ଦେଖିଲା, ସେଇ ପାଖରେ ଥିବା ଏକ ଜରାଶ୍ରମ ହତାରେ ଠିଆ ହୋଇଥିଲା ଏକ ଥୁଣ୍ଟା ବରଗଛ । ତାକୁ ଲାଗିଲା, ସେ ବରଗଛଟା ଯେମିତି ତା' ଆଡ଼କୁ ଚାହିଁ କହୁଛି– ଆ' ମୋ ପାଖକୁ ଆ' । ଆଜିଠୁ ତୋ'ର ମୋର ସାଙ୍ଗ ।

– ବାଣପୁର, ଖୋର୍ଦ୍ଧା
ମୋ–୯୮୫୩୦୭୦୦୧୮



# ଫଗୁଣ ତ ଏକ ବାହାନା

ଏମିତି କ'ଣ କାହାକୁ
ବୋଲି ହୁଏ ରଙ୍ଗ
ନା କାହା ରଙ୍ଗରେ ରଙ୍ଗେଇ ହୁଏ
ଜୀବନ ।
ରଙ୍ଗ ତ ଉତ୍ସଟିଏ ଆନନ୍ଦର ।
କେଶର କାଳିମାରେ
ପରାହତ ରାତ୍ରିର ଅନ୍ଧକାର ।
ଆଖିର ନୀଳିମାରେ ନିର୍ଲିପ୍ତ
ଶାଗୁଆ ସ୍ମୃତିର ପଟାଳି ।
ଦେହର ଦେହଳୀରେ
ହଳଦୀ ରଙ୍ଗର ଅଭିସାର
ଓଠର ଲାଲିମାରେ
ଉଚ୍ଛୁଳା ପ୍ରୀତିର ଉଷ୍ମତା ।
ମନ ଆକାଶରେ
ହରେକ ରଙ୍ଗର ଇଚ୍ଛା
ପ୍ରଜାପତିର ଉଡ଼ାଣରେ
ଇନ୍ଦ୍ରଧନୁ ମଖା ସ୍ୱପ୍ନ ।
ଜୀବନ ଏଠି ରଙ୍ଗମୟ
ଫଗୁଣର ହୋଲି ତ ଏକ ବାହାନା ।

– ବିଜୟଲକ୍ଷ୍ମୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ
ମୋ –୮୨୪୯୪୫୦୦୫୦

# ତଥାପି...

ତୋ ଅନୂଢ଼ା ବୟସରେ
ଅବୁଝା ଗୁଣୁଗୁଣୁ ଗୀତ,
ମୋ ମନ ନଈକୂଳେ
ମିଠାମିଠା ଅଭୁଲା ଅତୀତ,
ଆଜିସବୁ କାଲି ଭଳି ଲାଗେ,
ଏବେ ତୋ ବୟସର ଡେଣାରେ
ରଙ୍ଗଛଡ଼ା ଦାଗ
ମୋ ମୋହଭଙ୍ଗା ଜୀବନରେ
ସ୍ୱପ୍ନସବୁ ଆଖି ଆରପାରେ
ତଥାପି ମୁଁ ସବୁରାତି
ତୋ କଥା ଭାବେ ।

– ଆଶୁତୋଷ ଦାଶ
ନବାଟି ଶାସନ, ଦରଡ଼ା,
ବାଲିପାଟଣା, ଖୋର୍ଦ୍ଧା ।
ମୋ–୬୩୬୩୭୬୫୮୭୧

# ନିରବ

ମୋ ଛାତି ତଳର ପ୍ରତିଟି ସ୍ପନ୍ଦନ
ଦେଖିବାକୁ ତତେ ଝୁରେ,
ଏମିତି ରାଇଜେ ଗଲୁ ତୁ ଯେ ଧନ
ମା' ଡାକ କାହିଁ ଘରେ ?

ତୋ ଖୁସିରେ ମୋର ଘର ହସୁଥିଲା
ସବୁ ତ ନିରବ ଏବେ,
ଝିଅ ନୁହେଁ ମୋର, ଜୀବନ ତୁ ଥିଲୁ
ପୁଣି ତୁ ଆସିବୁ କେବେ ?

– ପ୍ରତିଭା ସିହ୍ନା
ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ
ମୋ– ୮୭୬୩୮୯୫୬୮୫





# ସଲ୍ମାନ ବନାମ ଅକ୍ଷୟ

ସଲ୍ମାନଙ୍କ ଅଭିନୀତ 'ରାଧେ' ଚଳିତବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ। ହେଲେ ସେହି ସମୟରେ ଅକ୍ଷୟ କୁମାରଙ୍କ 'ସୂର୍ଯ୍ୟବଂଶୀ' ମଧ୍ୟ ରିଲିଜ ହେବ ବୋଲି ଶୁଣିବାକୁ ମିଳୁଛି। ଯଦି ଏପରି ହୁଏ ତେବେ ଏ ବର୍ଷ ଇଦ୍ ସମୟରେ ଦୁଇ ଜଣ ନାମୀ ଷ୍ଟାରଙ୍କ ଲଢ଼େଇ ଦେଖିବାକୁ ମିଳିବ। ଏ ନେଇ ସଲ୍ମାନ କହନ୍ତି, 'ମୋ ସିନେମା ଇଦ୍‌ରେ ରିଲିଜ ହେବା ପ୍ରାୟ ନିଶ୍ଚିତ। ଯଦି କୋଭିଡ ଆହୁରି ଭୟଙ୍କର ରୂପ ଧାରଣ କରେ ହୁଏତ ରିଲିଜ ଡେଟ୍ ନେଇ ଚିନ୍ତା କରାଯାଇପାରେ। ମୁଁ ଶୁଣିବାକୁ ପାଉଛି ଯେ ଏହି ସମୟରେ ଅକ୍ଷୟ କୁମାର ଅଭିନୟ କରିଥିବା 'ସୂର୍ଯ୍ୟବଂଶୀ' ରିଲିଜ ହେବ। ଯଦି ଏହି ଫିଲ୍ମ ପରଦା ଉପରକୁ ଆସେ ତେବେ ସେ ନେଇ ଚିନ୍ତା କରିବାର କିଛି କାରଣ ନାହିଁ। କାରଣ ଗୋଟିଏ ସିନେମାର ସଫଳତା ଦର୍ଶକଙ୍କ ହାତରେ ରହିଛି। ସେମାନେ କାହାକୁ ହିଟ୍ ମାନ୍ୟତା ଦେବେ ତାହା ସେମାନଙ୍କ ଉପରେ ନିର୍ଭର କରେ।'


ସଲ୍ମାନ

# ପୁରୁଷ ଗେଟଅପ ଅନ୍ତରାଳେ..

ପାଠ ପଢ଼ିବା ସମୟରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଜାହ୍ନବୀଙ୍କର ଏକ ଅଭ୍ୟାସ ଥିଲା। ନିଜେ ଅସୁବିଧାର ସମ୍ମୁଖୀନ ହେବାକୁ ଥିଲେ ମଧ୍ୟ ସେ ସାଙ୍ଗମାନଙ୍କୁ ସହଯୋଗର ହାତ ବଢ଼ାଉଥିଲେ। ଏହି ସମୟରେ ଥରେ ଏକ ମଜାଦାର ଘଟଣା ଘଟିଥିଲା। ଜଣେ ସାଙ୍ଗକୁ ସାହାଯ୍ୟ କରିବାକୁ ଯାଇ ସେ ନିଜର ଗେଟଅପ ବଦଳାଇଥିଲେ। ଅର୍ଥାତ୍, ଏଥିପାଇଁ ତାଙ୍କୁ ପୁରୁଷ ବେଶରେ ଯିବାକୁ ପଡ଼ିଥିଲା। ହେଲେ ସେ ଏମିତି ସଜବାଜ ହୋଇଥିଲେ ଯେ କେହି ଜଣେ ତାଙ୍କୁ ଚିହ୍ନି ପାରିଲେ ନାହିଁ। ପିଲାଦିନେ ସେ ଯେତେବେଳେ ପଢୁଥିଲେ ତାଙ୍କର ମା' ତଥା ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀ ଚାହୁଁଥିଲେ ଯେ ସେ ଭବିଷ୍ୟତରେ ଜଣେ ଡାକ୍ତର ହେଉ। କିନ୍ତୁ ଶେଷରେ ଜାହ୍ନବୀ କପୁର ଅଭିନୟକୁ ଆପଣେଇ ନେଇଥିଲେ। ଲସ୍ ଏଞ୍ଜେଲେସସ୍ଥିତ ଲି' ଷ୍ଟ୍ରାସବର୍ଗ ଥିଏଟର ଆଣ୍ଡ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସେ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ପ୍ରସିଦ୍ଧ ଟୁରିଷ୍ଟ ସ୍ପଟ୍ ବୁଲିବା ତାଙ୍କର ଏକ ଅଭ୍ୟାସ। ହେଲେ ସେ ଏକୁଟିଆ ବୁଲିବାକୁ ଯାଇ ନ ଥାନ୍ତି। ସାଙ୍ଗରେ ପରିବାର ସଦସ୍ୟଙ୍କୁ ନେଇଥାଆନ୍ତି।


ଆଲିଆ

# ରୋଷେଇ ଶିଖୁଛନ୍ତି ଆଲିୟା

ସତରେ ବସିବାଠାରୁ କାଶିବା ଭଲ। ଦେଖୁନାହାନ୍ତି, ଯେହେତୁ ଏବେ କିଛି ଶୁଟିଂ ନାହିଁ ତେଣୁ ଅଯଥାରେ ସମୟ ଅପଚୟ କରୁନାହାନ୍ତି ମହେଶ ତନୟା ଆଲିୟା। ଘରେ ରହି ଗୋଟିଏ କାମରେ ମନୋନିବେଶ କରିଛନ୍ତି। ତାହା ହେଲା ରୋଷେଇ। ଅସଲ କଥା ହେଉଛି ଆଲିୟାଙ୍କୁ ଭଲ ଭାବରେ ରୋଷେଇ ଜଣାନାହିଁ। ତେଣୁ ଏବେ ସେ ରୋଷେଇ ଭଲ ଭାବରେ ଶିଖିବାକୁ ମାଇଣ୍ଡ ମେକଅପ କରିଛନ୍ତି। ନିଜର ଏଭଳି ଯୋଜନା ସମ୍ପର୍କରେ ଆଲିୟା ଭଟ୍ଟ କହନ୍ତି, 'ରୋଷେଇ ଶିଖିବାକୁ ମୋର ଜଣେ ସାଙ୍ଗ ମୋତେ ଥରେ କହିଥିଲେ। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ସେହି କଥା ମୋ ମନକୁ ଆସିଲା। ଆଉ ତା'ପରେ ମୁଁ ରୋଷେଇ ଶିଖିବାରେ ଲାଗି ପଡିଛି।' ଆଲିୟାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ଶିଶୁ କଳାକାର ଭାବରେ। ଅକ୍ଷୟ କୁମାର-ପ୍ରୀତି ଜିଣ୍ଟାଙ୍କ ଅଭିନୀତ 'ସଂଘର୍ଷ'ରେ ସେ ପ୍ରୀତିଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ସେତେବେଳେ ଆଲିୟାଙ୍କୁ ହୋଇଥିଲା ମାତ୍ର ଛଅ ବର୍ଷ। ବଲିଉଡ୍‌ର ନାମୀ କୋରିଓଗ୍ରାଫର ସାଇମାକ୍ ଡାଭରଙ୍କ ନିକଟରୁ ସେ ନୃତ୍ୟ ଏବଂ ଏ.ଆର. ରହେମାନ ମ୍ୟୁଜିକ ସ୍କୁଲରୁ ସଙ୍ଗୀତ ଶିକ୍ଷା କରିଛନ୍ତି। ସୂଚନାଯୋଗ୍ୟ ସଞ୍ଜୟ ଲୀଲା ଭଁସାଲୀଙ୍କ ନିର୍ମାଣାଧୀନ 'ଗାଙ୍ଗୁବାଈ କାଠିଆୱାଡି'ରେ ସେ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅଭିନୟ କରିଛନ୍ତି। ଏହାବ୍ୟତୀତ କରନ ଜୋହରଙ୍କ 'ବ୍ରହ୍ମାସ୍ତ୍ର'ରେ ରଣବୀର କପୁରଙ୍କ ସହ ତାଙ୍କୁ ଦେଖିବାକୁ ମିଳିବ, ଯାହା ରିଲିଜ୍ ଅପେକ୍ଷାରେ ରହିଛି।


ଦୀପକ-ପ୍ରାଚୀ

# ଏଥର ସତସତିକା

ଅଭିନେତ୍ରୀ ମୌନି ରୟ ଶେଷରେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଦୁବାଇରେ ଏକ ବ୍ୟାଙ୍କରେ କାର୍ଯ୍ୟରତ ସୂରଜ ନାମ୍ବିୟାରଙ୍କୁ ସେ ପତି ଭାବରେ ଗ୍ରହଣ କରିବେ। ହେଲେ ସେହି ଶୁଭ ଦିନ କେବେ ତାହା ଫାଇନାଲ ହୋଇନାହିଁ। ନିଜ ନୂଆ ଜୀବନ ବିଷୟରେ ମୌନି କହନ୍ତି, 'ଆପଣମାନେ ଯାହା ଶୁଣୁଛନ୍ତି ତାହା ସତ। ଦୁବାଇରେ ରହୁଥିବା ସୂରଜ ନାମ୍ବିୟାରଙ୍କୁ ମୁଁ ମ୍ୟାରେଜ କରିବାକୁ ଯାଉଛି। ହେଲେ ଏହି ଶୁଭ ଦିନଟି ଫାଇନାଲ ହୋଇନାହିଁ। କେବଳ ଦୁଇ ପରିବାର ମଧ୍ୟରେ କଥାବାର୍ତ୍ତା ହୋଇ ମ୍ୟାରେଜ ହେବ ବୋଲି ସ୍ଥିର ହୋଇଛି। ଡେଟ୍ ଫାଇନାଲ ହେବା ମାତ୍ରେ ସମସ୍ତଙ୍କୁ ଜଣାଇ ଦେବି। ହାତକୁ ଦି' ହାତ ହେବା ପରେ ମୁଁ ଆକ୍ଟିଂ ଚାଲୁ ରଖିବି। ବିବାହ ପରେ ମୁଁ ଅଭିନୟକୁ ବାଏ ବାଏ କହିବି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ସମ୍ପୂର୍ଣ୍ଣ ମିଛ।' ଏହାବ୍ୟତୀତ ଆଉ ଏକ ଦିନକୁ ସେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ତାହା ହେଉଛି କେବେ 'ବ୍ରହ୍ମାସ୍ତ୍ର' ରିଲିଜ ହେବ। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ମୌନି।


ଜାହ୍ନବୀ


ମୌନି

# ମ୍ୟୁଜିକ ମାୟାରେ ଦୀପକ

ଅଭିନେତା ଦୀପକ ଏବେ ମ୍ୟୁଜିକ ମାୟାରେ ପଡ଼ିଯାଇଛନ୍ତି। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ କିଛି ସମୟ ମ୍ୟୁଜିକ ଅଭ୍ୟାସ କରିବାକୁ ଭୁଲୁ ନାହାନ୍ତି। ଏହା ଭିତରେ ତାଙ୍କର ମନ ଜଣେ ରୂପସୀ ପାଖରେ ବନ୍ଧା ପଡ଼ିଯାଇଛି। ହେଲେ ଏସବୁ କଥାର ସଂଯୋଗ ତାଙ୍କର ବାସ୍ତବ ଜୀବନ ନୁହେଁ, ଅଭିନୟ ଜୀବନ ସହ ରହିଛି। କଥା କ'ଣ କି ଅନାମ ସାହୁଙ୍କ 'ମନ ମୋର ପ୍ରଜାପତି'ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ଦୀପକ ଏଥର ଟୁ-ଇନ୍-ୱାନ୍ ଅର୍ଥାତ୍ ପ୍ରଯୋଜକ ଏବଂ ନାୟକ ଭାବରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ନିଜର ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସେ। ଏହି ସିନେମାର ଟାଇଟଲ ରହିଛି 'ପଲ୍ ପଲ୍ ତତେ ଚାହେଁ'। ଏ ସମ୍ପର୍କରେ ଦୀପକ କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ମ୍ୟୁଜିକ ଲଭର ଭୂମିକାରେ ଅଭିନୟ କରୁଛି। ଏହାର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ରହିଛି। ଦର୍ଶକ ଏହି ଫିଲ୍ମରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ଆଶା ରଖିଛି। ତନୁଜା ସାହୁଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଅଭିଜିତ ମଜୁମଦାର। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶନାରେ ଏଥିରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଅନ୍ୟପକ୍ଷରେ ମାନସୀ ପାଲ (କେଟି), ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ସରୋଜ ଦାସ, ନନ୍‌ସେସ ମଣି, ବିକାଶ, ସୋମୁ, ମଧୁ ମିନାକ୍ଷୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ଜୁଲାଇ ୩୦କୁ ଅପେକ୍ଷା

'ବାହୁବଳୀ' ଫେମ୍ ପ୍ରଭାସ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଦେଖୁ ଦେଖୁ ମାସ କେଇଟା ଚାଲିଯିବ ଆଉ ଆସିଯିବ ସେହି ଶୁଭଦିନ। ସେହିଦିନ କେବେ ଜାଣନ୍ତି? ଜୁଲାଇ ୩୦। ଅସଲ କଥା ହେଲା, ଚଳିତବର୍ଷ ଏହି ଦିନରେ ପ୍ରଭାସଙ୍କ ଅଭିନୀତ 'ରାଧେଶ୍ୟାମ' ମୁକ୍ତିଲାଭ କରିବାର ଯୋଜନା ରହିଛି। ତେଣୁ ବେଶ୍ ଉତ୍ସୁକତାର ସହ ସେ ସେହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। କାରଣ ଏଥିରେ ସେ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ନିକଟରେ ସେ ଏହି ଫିଲ୍ମର କେତୋଟି ଫଟୋକୁ ନିଜ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ପ୍ରଭାସ କହନ୍ତି, 'ଏହି ଫିଲ୍ମରେ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏପରି ଏକ ରେଟ୍ରୋ ଭୂମିକାକୁ ତୁଲାଇବା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି।' ଉକ୍ତ ସିନେମାରେ ପ୍ରଭାସଙ୍କ ନାୟିକା ସାଜିଛନ୍ତି ପୂଜା ହେଗ୍‌ଡେ। ତେଲୁଗୁ ବ୍ୟତୀତ ତାମିଲ, କନ୍ନଡ, ମାଲାୟାଲମ ଏବଂ ହିନ୍ଦୀ ଭାଷାରେ ମଧ୍ୟ ଏହା ନିର୍ମିତ ହୋଇଛି। ଏଥିରେ ପ୍ରଭାସ-ପୂଜାଙ୍କ ବ୍ୟତୀତ ଭାଗ୍ୟଶ୍ରୀ, ସଚିନ ଖେଡେକାର୍, ପ୍ରିୟଦର୍ଶୀ ପୁଲିକୋଣ୍ଡା, ମୁରଲୀ ଶର୍ମା, କୁନାଲ ରୟ କପୁର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାବ୍ୟତୀତ ଅନ୍ୟ ଏକ ବିଜ୍ଞାନ ଭିତ୍ତିକ ଫିଲ୍ମରେ ପ୍ରଭାସ ଅଭିନୟ କରିବେ ଏବଂ ଏଥିରେ ତାଙ୍କର ନାୟିକା ସାଜୁଛନ୍ତି ଦୀପିକା ପାଦୁକୋନ୍।


ପ୍ରଭାସ

ପ୍ରଥମ ରୋଜଗାର



ଦିଲ୍ଲୀ ଏମ୍ସର ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞା **ଡା: ଅନୀତା ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଭାଗବତ, ରାମାୟଣ ପାଠକରି ପାରିଶ୍ରମିକ ପାଇଥିଲି

କଟକ ଜିଲା ଯାଜପୁର ସବ୍‌ଡିଭିଜନ (ବର୍ତ୍ତମାନ ଜିଲା)ର ରାମବଗ, ତଳିହା ଗାଁରେ ମୋ ଜନ୍ମ। ଜନ୍ମରୁ ମା' ଭାନୁଦେବୀଙ୍କୁ ହରାଇଥିଲି। ବାପା ଆଦିକନ୍ଦ ପଣ୍ଡା ଥିଲେ ଜଣେ ଜମିଦାର ଓ ଏଲ୍.ଏମ୍.ପି ଡାକ୍ତର। ସେ ମୋ ଉପରେ କେବେ ବି ମାତୃ ହରାର ଆଞ୍ଚ ଆସିବାକୁ ଦେଇ ନ ଥିଲେ। ମୋର ପିଲା ଦିନର ସ୍ୱପ୍ନ ଥିଲା ସାହିତ୍ୟ ସାଧନା କରିବି। ମାତ୍ର ବାପାଙ୍କର ଆଦେଶ ଥିଲା ପ୍ରଥମେ ଡାକ୍ତର ହେବୁ, ତା'ପରେ ସାହିତ୍ୟକୁ ଆପଣେଇବୁ। ତାଙ୍କରି କଥାନୁସାରେ ପ୍ରଥମେ ବୁର୍ଲା ମେଡିକାଲ୍ ଏବଂ ପରେ ସି.ଏମ୍.ସି., ଭେଲୋରରୁ ଶିକ୍ଷା ଲାଭ କରି ଉଚ୍ଚଶିକ୍ଷା ପାଇଁ ଏମ୍ସ, ଦିଲ୍ଲୀ ଯାଇଥିଲି। ଏମ୍ସରେ ଚକ୍ଷୁରୋଗ ବିଶେଷଜ୍ଞା ଭାବେ ଦୀର୍ଘ ଚାଳିଶ ବର୍ଷର ରହଣି ମୋ ପାଇଁ ଏକ ଅଭୁଲା ସ୍ମୃତି। ଡାକ୍ତର ହିସାବରେ ଜୀବନରେ ଅନେକ ରୋଜଗାର କରିଥିଲେ ମଧ୍ୟ ପିଲାଦିନେ ବନ୍ୟା ପୀଡ଼ିତଙ୍କୁ ସାହାଯ୍ୟ କରିବାକୁ ଭାଗବତ ପାଠକରି ଯେଉଁ ସ୍ୱଳ୍ପ କିଛି ଟଙ୍କା ଅର୍ଜନ କରିଥିଲି ତାହାର ତୁଳନା କେଉଁଥିରେ ନାହିଁ। ଘଟଣାଟି ଥିଲା ଏହିପରି–୧୯୫୫ ମସିହା ଅଗଷ୍ଟ ମାସରେ ଦଳେଇ ଘାଇ ଭାଙ୍ଗି ଜଗତ୍‌ସିଂହପୁରର ବହୁ ଘରଦ୍ୱାର ଭସାଇ ନେଇଥିଲା। ଲୋକଙ୍କର ଦୁର୍ଦ୍ଦଶା କହିଲେ ନ ସରେ। ବାପା ଆମ ଗାଁ ରାମବଗ ହାଇସ୍କୁଲର ପିଲାମାନଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଦଳ ଗଠନ କରିଥିଲେ। ରିଲିଫ୍ ସାମଗ୍ରୀ ଯେପରି ବାଟମାରଣା ନ ହୋଇ ଠିକ୍ ଭାବରେ ବଣ୍ଟା ହେବ ସେଥିପାଇଁ ନିଜ ଖାଇବାପିଇବା ଭୁଲି ଦିନରାତି ସେହି ପିଲାମାନଙ୍କୁ ବାପା ଟ୍ରେନିଂ ଦେଇ ଚାଲିଥିଲେ। ଏହା ଦେଖି ସେତେବେଳେ ମୁଁ ମୋ ନାନୀକୁ ପଚାରିଥିଲି, କିଛି ଦାନଧର୍ମ କରିବାକୁ ହେଲେ ବାପା ଅଜସ୍ର ଟଙ୍କା ବିଚ୍ଛୁରି ଦିଅନ୍ତି, ସେବା ପାଇଁ କେତେକେତେ ସେବାକାରୀ ନିଯୁକ୍ତି କରିଦିଅନ୍ତି। ହେଲେ ଏଥର କାହିଁକି ସେ ନିଜେ ହାଡଭଙ୍ଗା ପରିଶ୍ରମ କରୁଛନ୍ତି! ନାନୀର ଉତ୍ତର ଥିଲା ; ଜମିଦାରୀ ଉଠିଗଲା ପରେ ଆମ ଘରର ଚଳଣି ପୂର୍ବ ପରି ଆଉ ସ୍ୱଚ୍ଛଳ ନାହିଁ। ତେଣୁ ବାପାଙ୍କୁ ପରିଶ୍ରମ କରିବାକୁ ପଡୁଛି। ଏ କଥା ଶୁଣି ମୁଁ ନିଜେ କିଛି ଅର୍ଥ ଉପାର୍ଜନ କରି ରିଲିଫ୍ ପାଣ୍ଠିକୁ ଦେବା ପାଇଁ ସ୍ଥିର କଲି। ଗାଁ ନିମ୍ନ ପ୍ରାଇମେରୀ ସ୍କୁଲର ଶିକ୍ଷକ ପଦ ସାରଙ୍କୁ ମୁଁ ବହୁ ଭକ୍ତି କରେ, ସେ ବି ମୋତେ ଖୁବ୍ ସ୍ନେହ କରନ୍ତି। ତାଙ୍କୁ ଯାଇ ସବୁ କଥା କହିଲି। ମୋ କଥା ଶୁଣି ସାର୍ ଟିକିଏ ଗମ୍ଭୀର ହୋଇ କହିଲେ, ତୁ ଏବେ ଛୁଆଟା, ତୋ ଯୋଗେ ଏହା ସମ୍ଭବ ହେବନି। ତା'ପରେ ମୁଁ ତାଙ୍କୁ ଦୃଢ଼ ସ୍ୱରରେ କହିଥିଲି, ଦୋଳ ମେଳଣବେଳେ କେତେଜଣ ପିଲା ଯାତ୍ରା ପାର୍ଟି, ନାଟ ପାର୍ଟି, ସର୍କସ ପାର୍ଟିରେ ନିଜ କୃତୀ ଦେଖାଇ ପଇସା ରୋଜଗାର କରିଥିବା ମୁଁ ନିଜେ ଦେଖିଛି। ମୋ କଥା ଶୁଣି ସାର୍ ଉତ୍ତର ଦେଲେ, ଠିକ୍ କହୁଛୁ, ହେଲେ ପ୍ରଥମତଃ ତୁ ଝିଅ ପିଲାଟେ, ଉପରକୁ ତୁ ଜମିଦାର ଘରର ଝିଅ। ସେ ସବୁ କାମ ତୋ ପାଇଁ ଶୋଭନୀୟ ହେବନି। ସାରଙ୍କ କଥା ଶୁଣି ମୋ ମୁହଁ ଶୁଖିଗଲା। ଦୁଃଖରେ କହିଲି, ମୋତେ ଭଗବାନ କାହିଁକି ଝିଅ ପିଲାଟେ କଲେ ! ସାର୍ କିଛି ନ କହି ମୋ ମୁଣ୍ଡ ସାଉଁଳାଇଲେ। ହଠାତ୍ କିଛି ମିଳିଗଲା ଭଳି କହିଲି ସାର୍, ସ୍କୁଲରେ ସରସ୍ୱତୀ ପୂଜା ପରେ ବଡ଼ ପିଲାଙ୍କ ସାଙ୍ଗରେ ସରସ୍ୱତୀ ମୂର୍ତ୍ତିଙ୍କୁ ଥାଳିରେ ଧରି ଘରଘର ବୁଲାଇ ବିସର୍ଜନ ପାଇଁ ଆମେ ବହୁ ପଇସା ଏକାଠି କରୁଥିଲୁ। ସବୁଠି ମୁଁ ଗୀତ ଗାଉଥିଲି। ଏବେ ସେମିତି କିଛି କରିପାରିବିନି ? ମୁଁ ଏବେ ଗୀତ ଛଡ଼ା ପୁରାଣ ପାଠ ମଧ୍ୟ କରିପାରୁଛି। ଟିକିଏ ଚିନ୍ତା କରି ସାର୍ କହିଲେ, ଆଚ୍ଛା ଠିକ୍ ଅଛି, ତୋର କୁଆଡ଼େ ଘର ଘର ବୁଲିବା ଦରକାର ନାହିଁ। ମୁଁ ଆମ ସ୍କୁଲ ଘରେ ଭାଗବତ ପାଠର ବନ୍ଦୋବସ୍ତ କରାଉଛି। ଗାଁର ସ୍ତ୍ରୀ ଲୋକମାନେ ତ ନିରକ୍ଷର ; ଭାଗବତ ଶୁଣିବାକୁ ନିଶ୍ଚେ ପସନ୍ଦ କରିବେ। ତେଣୁ ତୁ ଦ୍ୱିପହରେ ଘଣ୍ଟାଏ ଲେଖାଏ ସେମାନଙ୍କୁ ଭାଗବତ ଶୁଣାଇବୁ, ଆଉ ପୁରୁଷ ଲୋକଙ୍କୁ ସନ୍ଧ୍ୟାରେ ରାମାୟଣ। ଏମିତି କଲେ ତୋ ବାପା ଆଉ ବାରଣ କରିବେନି। ସେୟା ହିଁ ହେଲା। ଭାଗବତ ଓ ରାମାୟଣ ଶୁଣାଇ ବାର ଟଙ୍କା ଛଅ ଅଣା ମୁଁ ସେତେବେଳେ ଉପାର୍ଜନ କରିଥିଲି। ସେଥିରୁ ଦୁଇ ଟଙ୍କା ଛଅ ଅଣା ଗୁରୁ ଦକ୍ଷିଣା ସ୍ୱରୂପ ସାରଙ୍କ ପାଦତଳେ ରଖି ବାକି ଦଶ ଟଙ୍କାକୁ ଲଫାପାରେ ବନ୍ଦ କରି ଦେବାକୁ ସାରଙ୍କୁ ଅନୁରୋଧ କଲି। ''ଏ ସବୁ ଟଙ୍କା ତୋର ଉପାର୍ଜନ ; ଯାହାକୁ ଗୁରୁ ଦକ୍ଷିଣା କହୁଛୁ ତାହା ମୋ କୃତୀ ଛାତ୍ରୀ ପାଇଁ ମୋ ତରଫରୁ ପୁରସ୍କାର'', ଏତିକି କହି ସାର୍ ସବୁତକ ଟଙ୍କା ଲଫାପାରେ ଭର୍ତ୍ତି କରି ଉପରେ ଲେଖିଲେ ''ରିଲିଫ ପାଣ୍ଠି ପାଇଁ ଅନିନ୍ଦିତା (ମୋର ସ୍କୁଲ୍ ନାମ) ତରଫରୁ''। ସେଠୁ ଆସି ବାପାଙ୍କ ହାତରେ ଲଫାପାଟି ଧରାଇ କହିଲି, ଯେମିତି ହେଲେ ଏହା ମୁଖ୍ୟମନ୍ତ୍ରୀଙ୍କ ହାତରେ ପହଞ୍ଚିବା ଦରକାର। ଆଜି ମୁଁ ଜଣେ ପ୍ରତିଷ୍ଠିତା ଚକ୍ଷୁ ବିଶେଷଜ୍ଞା ହେବା ସହିତ ସାହିତ୍ୟ କ୍ଷେତ୍ରରେ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିଲେ ମଧ୍ୟ ସେ ଦିନର ସେଇ ଛୋଟିଆ ଉପାର୍ଜନକୁ ମୁଁ ଭୁଲିପାରିନି। **–ଅସ୍ମିତା**

# ଭାରି ଗଭୀର ଏ ପ୍ରେମର ତାତି, ଜଣା ପଡେ ନାହିଁ ଦିନ କି ରାତି

**ପ୍ରଶ୍ନ–** ପ୍ରେମ କରିବାକୁ ମୋ ମନ କୁତୁକୁତୁ ହେଉଛି। ହେଲେ କେଉଁ ତରିକାରେ ପ୍ରେମ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ଦିବାକର ନାୟକ, ରାଉରକେଲା*

**ଉତ୍ତର :** ପ୍ରେମ କରିବାକୁ ବୟସ ଆସିଲେ ମନରେ ଆପେ ଆପେ ଡେଣା ଲାଗିଯାଏ। ଆଉ ଯେତେବେଳେ ଏହି ପ୍ରେମର ତାତି ବଢ଼ି ବଢ଼ି ଚାଲେ ସେତେବେଳେ ମନର ମାନସୀଟିଏ ଖୋଜିବାକୁ ମନ ହାଇଁପାଇଁ ହୁଏ। କାରଣ 'ଭାରି ଗଭୀର ଏ ପ୍ରେମର ତାତି, ଜଣା ପଡେ ନାହିଁ ଦିନ କି ରାତି'। ହେଲେ ପ୍ରେମର ଅସଲ କାଇଦା ଆପ୍ଲାଏ କରି ପାଦ ଆଗକୁ ବଢ଼ାନ୍ତୁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ରହିଲା ତେବେ ଜାଣିଯାଆନ୍ତୁ ଯେ ଯେଉଁ ଲକ୍ଷ୍ୟ ନେଇ ଆପଣ ଆଗଉଥିଲେ ତାହା ପୂରଣ ହୋଇଯାଇଛି।

**ପ୍ରଶ୍ନ–** ମୁଁ ଯେଉଁ ଝିଅକୁ ପ୍ରପୋଜ କରୁଛି ସବୁବେଳେ ନେଗେଟିଭ ଫଳ ହେଉଛି। ମୁଁ କ'ଣ ପ୍ରେମିକାଟିଏ ଖୋଜି ପାଇବି ନାହିଁ ?

*–ସୁନୀଲ ଦାସ, କନ୍ଧମାଳ*

**ଉତ୍ତର :** 'ଆପଣ ପ୍ରେମିକାଟିଏ ଖୋଜି ପାଇବେ ନାହିଁ' ବୋଲି ମନରେ ଯେଉଁ ଧାରଣା ରହିଛି ତାହା ପ୍ରଥମେ ଦୂର କରନ୍ତୁ। ନ ହେଲେ ଆପଣଙ୍କ ମନରେ ବସା ବାନ୍ଧିଥିବା ଏହି ନକାରାତ୍ମକ ଚିନ୍ତାଧାରା ସବୁବେଳେ ଆପଣଙ୍କ ମନକୁ ପଛକୁ ଟାଣିବ। କଦାପି ଆତୁରିଆ ହୋଇ ପ୍ରେମ କରନ୍ତୁ ନାହିଁ। କାରଣ ଏପରି ପ୍ରେମରେ ଫେଲ୍ୟର୍ ହେବାର ଚାନ୍ସ ଅଧିକ। ଯାହାକୁ ପ୍ରପୋଜ କରୁଛନ୍ତି ପ୍ରଥମେ ତା' ଚାହାଣୀ, ମନର ଭାବନାକୁ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ବାସ୍ନା ପାଇଲେ ତେବେ ବେଳକାଳ ଦେଖି ସେହି ସୁନ୍ଦରୀ ମନରେ ପରମାନେଣ୍ଟ ଘରଟିଏ କରନ୍ତୁ। ବାସ୍, ତା'ପରେ ପ୍ରେମର ଅସଲ ମଜା କ'ଣ ଆପଣ ନିଜେ ଅନୁଭବ କରିପାରିବେ।

**ପ୍ରଶ୍ନ–** ଗୋଲାପ ଫୁଲଟିଏ ନ ଦେଲେ କ'ଣ ପ୍ରେମ କରିହେବି ନାହିଁ ?

*–ତପନ କୁମାର, କଟକ*

**ଉତ୍ତର :** ଗୋଲାପ ଫୁଲକୁ ପ୍ରେମର ପ୍ରତୀକ ଭାବରେ ବିବେଚନା କରାଯାଏ। ହେଲେ ଏହାକୁ ଜଣକୁ ଭେଟି ଦେଲେ ଯେ ବହି ଫିଟ୍ ହୋଇଯିବ, ସେଭଳି ଧାରଣା କେତେ ଯୁକ୍ତିଯୁକ୍ତ ତାହା ଥରେ ଚିନ୍ତା କରନ୍ତୁ। ଯଦି ଭାବି ପ୍ରେମିକା ଆଖିରେ ଆଖି ମିଶିଗଲା, ଆଉ ତା' ଇସାରାରୁ ଜଣାପଡିଲା ଯେ ଆପଣଙ୍କୁ ପ୍ରେମିକ ଭାବରେ ଗ୍ରହଣ କରିବାକୁ ସେ ଫୁଲ୍ ପ୍ରସ୍ତୁତ ତେବେ ସେତେବେଳେ ଗୋଲାପ ଫୁଲର ଆବଶ୍ୟକତା ହୁଏତ ପଡ଼ିପାରେ ? ବାସ୍, ଆପଣଙ୍କ ମନର କଥାକୁ ସଠିକ ଭାବରେ ହୃଦୟଙ୍ଗମ କରିପାରୁଥିବା ପ୍ରେମିକାଟିଏ ମିଳିଗଲେ ହେଲା।

**ପ୍ରଶ୍ନ–** ମୁଁ ଜଣେ ଝିଅକୁ 'ଆଇ ଲଭ୍ ୟୁ' କହିଲି। ସେ ମୋ ପ୍ରପୋଜାଲକୁ ଗ୍ରହଣ କଲା। ସବୁବେଳେ ମୋ ସହ କଥା ହେଉଛି। ହେଲେ ଚିଠି ଦେଲେ ଚିଠି ନେଉନି। ସେ ଏମିତି କାହିଁକି କରୁଛି ?

*–ସାଗର, କେନ୍ଦ୍ରାପଡା*

**ଉତ୍ତର :** ଆଜିକାଲି ଚିଠିର ଗୁରୁତ୍ୱ ଟିକେ କମିଯାଇନି ? କାରଣ ଏବେ ହାଇଟେକ୍ ଯୁଗ। ଆଙ୍ଗୁଠି ଅଗରେ ମନର କଥାକୁ ପ୍ରକାଶ କରିବାକୁ ମାତ୍ର କେଇ ମିନିଟ୍ ଲାଗୁଛି। ମୋବାଇଲ ଦୁନିଆରେ ଆଉ ଚିଠିକୁ ଆଶ୍ରା କଲେ ଚଳିବ ? ଯଦି ସବୁ କିଛି ଠିକ୍ ଠାକ୍ ଅଛି ତେବେ ଚିଠି ଦିଆନିଆକୁ ନେଇ ମନ ଊଣା କଲେ କିଛି ଲାଭ ନାହିଁ।







# ସମର ଡ୍ରିଙ୍କ୍ସ

**ଖରାଦିନେ ସୂର୍ଯ୍ୟଙ୍କ ଉତ୍ତାପରୁ ରକ୍ଷା ପାଇବା ପାଇଁ ଅନେକେ ହାଲ୍‌କା ପୋଷାକ ପରିଧାନ କରିବା ସହ ଛାଇରେ ରହିବାକୁ ବେଶି ପସନ୍ଦ କରିଥାନ୍ତି। ଏହାଦ୍ୱାରା ଶରୀରର ବାହ୍ୟ ଅଂଶକୁ ସିନା ଥଣ୍ଡା ମିଳିଯାଏ, ହେଲେ ଅନ୍ତଃଭାଗକୁ ଶୀତଳତା ପ୍ରଦାନ ପାଇଁ କିଛି ଥଣ୍ଡା ପାନୀୟ ବା ଜୁସ୍‌ର ଆବଶ୍ୟକତା ପଡ଼ିଥାଏ, ଯାହା ସମର୍‌ରେ ବି ଶରୀରକୁ କୁଲ୍ ଫିଲିଙ୍ଗ୍ସ ଦେଇଥାଏ...**

**କଞ୍ଚା ଆମ୍ବ ଜୁସ୍:** କଞ୍ଚା ଆମ୍ବ ଜୁସ୍ ପିଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିବା ସହ ଖରାଦିନିଆ ଚର୍ମରୋଗରୁ ବି ମୁକ୍ତି ମିଳିଥାଏ। କଞ୍ଚା ଆମ୍ବର ଚୋପା ଓ ଟାକୁଆକୁ କାଢିଦେବା ପରେ ଖାଲି ଆମ୍ବକୁ ସାମାନ୍ୟ ସିଝାଇ ସେଥିରେ ସ୍ୱାଦାନୁଯାୟୀ ଲୁଣ, ଚିନି, କିଛି ପୁଦିନା ପତ୍ର ଏବଂ ଟିକେ ଜିରାଗୁଣ୍ଡ ପକାଇ ଏହି ଜୁସ୍ ତିଆରି କରି ପିଇଲେ ମନ ଓ ମିଜାସ୍ ନିମିଷକେ ତାଜା ହୋଇଗଲା ଭଳି ଅନୁଭବ ହୋଇଥାଏ।

**ତରଭୁଜ ଜୁସ୍:** ତରଭୁଜରେ ଭିଟାମିନ୍ସ, ମିନେରାଲ୍ସ, ପ୍ରୋଟିନ୍, ଫାଇବର୍, ପୋଟାସିୟମ୍ ତଥା ମାଗନେସିୟମ୍‌ର ମାତ୍ରା ରହିଥିବାରୁ ଏହାର ସେବନ ଶରୀର ପାଇଁ ବହୁ ଲାଭଦାୟକ ହୋଇଥାଏ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ହଜମ କ୍ରିୟାକୁ ସକ୍ରିୟ କରିବା, ହୃଦ୍‌ରୋଗ, ଡାଇବେଟିସ୍ ତଥା କ୍ୟାନ୍‌ସର୍ ସମସ୍ୟାରୁ ମୁକ୍ତି ଦେବା ସହ ଏହା ଆଖି ପାଇଁ ବି ଉପକାରୀ ହୋଇଥାଏ। ଖରାଦିନେ ତରଭୁଜ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ପେଟ ପୂରିଯିବା ସହ ଶରୀରକୁ ଶୀତଳତା ମିଳିଥାଏ।

**କମଳା ଜୁସ୍:** ଭିଟାମିନ୍ ସି ଓ ଅନେକ ପ୍ରକାରର ନ୍ୟୁଟ୍ରିଏଣ୍ଟ୍ସରେ ଭରା କମଳା ବା କମଳା ଜୁସ୍‌ରେ ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ସର ମାତ୍ରା ବି ଦେଖିବାକୁ ମିଳିଥାଏ। ଏହାକୁ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କିଡ୍‌ନୀ ଷ୍ଟୋନ ସମସ୍ୟାରୁ ବି ମୁକ୍ତି ମିଳିଥାଏ। ରକ୍ତଚାପ, ବ୍ଲଡ ସୁଗାର ତଥା କୋଲେଷ୍ଟେରଲ୍‌କୁ ନିୟନ୍ତ୍ରଣରେ ରଖିବା ସଙ୍ଗେ ସଙ୍ଗେ ଏହା ବିଭିନ୍ନ ପ୍ରକାର ଚର୍ମ ରୋଗରୁ ମଧ୍ୟ ରକ୍ଷା ଦେଇଥାଏ। ଖରାଦିନେ ଏହାର ଜୁସ୍ ପିଇବା ଉତ୍ତମ ହୋଇଥାଏ।

**ବେଲ ପଣା:** ଖରାଦିନେ ସନ୍‌ଷ୍ଟ୍ରୋକ୍‌ରୁ ମୁକ୍ତି ଦେବାରେ ବେଲ ପଣାର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହାକୁ ପିଇଲେ ପେଟ ଥଣ୍ଡା ରହିବା ସହ ହଜମ କ୍ରିୟା ମଧ୍ୟ ଠିକ୍‌ରେ ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟାରେ ଏହି ପଣାକୁ କିଛିଦିନ ନିୟମିତ ପିଇଲେ ଶୀଘ୍ର ଉପଶମ ମିଳିଥାଏ। ତେବେ ଏହି ପଣାରେ କିଛି ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ଶରୀର ପାଇଁ ବହୁତ ଲାଭ ହୋଇଥାଏ।

**ସପୁରି ଜୁସ୍:** ଏଥିରେ ଭରି ରହିଥିବା ଭିଟାମିନ୍ସ ଓ ମିନେରାଲ୍ସ ଯୋଗୁ ଖରାଦିନେ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ଏହା ବେଶ୍ ସହାୟକ ହୋଇଥାଏ। ଏଥିରେ ଭିଟାମିନ୍ ସି'ର ମାତ୍ରା ବି ରହୁଥିବାରୁ ଏହା ତ୍ୱଚାକୁ ସଫା ରଖିବା ସହ ଉଜ୍ଜ୍ୱଳତା ପ୍ରଦାନ କରିଥାଏ। ନିୟମିତ ସପୁରି ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ତ୍ୱଚା କୋମଳ ହେବା ସଙ୍ଗେ ସଙ୍ଗେ ହେଲ୍‌ଦି ରହିଥାଏ। ସେହିପରି ଏହା ଓଠକୁ ହାଇଡ୍ରେଟ୍ ରଖିବା ସହ ଶରୀରରୁ ମୃତ କୋଷିକାକୁ ସଫା କରିବାରେ ମଧ୍ୟ ବିଶେଷ ସହାୟକ ହୋଇଥାଏ।

**ଆଖୁ ରସ:** ଏଥିରେ ପ୍ରଚୁର ମାତ୍ରାରେ ପୋଟାସିୟମ୍ ଭରି ରହିଥାଏ ; ଯାହା ପାଚନ କ୍ରିୟାକୁ ସକ୍ରିୟ କରିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ। ତା'ଛଡ଼ା ପେଟରେ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣରୁ ବି ଏହା ରକ୍ଷା କରିଥାଏ। ଖାସ୍‌କରି ଖରାଦିନେ ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ ଫୁର୍ତ୍ତି ଅନୁଭବ ହୋଇଥାଏ। ତ୍ୱଚାରେ ଚମକ ଆଣିବା ସହ ହୃଦ୍ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ।

**ଅଙ୍ଗୁର ଜୁସ୍:** ଏହି ଜୁସ୍ ଖୁବ୍ ପୁଷ୍ଟିକର ହେବା ସଙ୍ଗେ ସଙ୍ଗେ ଖରାଦିନେ ଅନ୍ତଃଭାଗରୁ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ। ଖରାରେ ତଣ୍ଟି ଶୁଖି ଯାଉଥିଲେ, କିଛି ଅଙ୍ଗୁରକୁ ଭଲଭାବେ ଗ୍ରାଇଣ୍ଡିଂ କରି ସେଥିରେ ଟିକେ ଚିନି ଓ ସ୍ୱାଦାନୁଯାୟୀ ଲୁଣ ମିଶାଇ ପିଇଲେ ବେଶ୍ ଆରାମ ଲାଗିଥାଏ।

**ଲିଚି ଜୁସ୍:** ଭିଟାମିନ୍ସ, ମିନେରାଲ୍ସ ତଥା ଡାଇଜେଷ୍ଟିଭ୍ ଫାଇବର୍ସର ଷ୍ଟୋର୍ ହାଉସ୍ ଭାବେ ଜଣାଶୁଣା ଲିଚି ଶରୀର ପାଇଁ ଖୁବ୍ ହିତକର। ଖରାଦିନେ ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଗରମ ଦାଉରୁ ଆରାମ ମିଳିଥାଏ। ଚର୍ମରୋଗରୁ ମୁକ୍ତି ପାଇଁ ମଧ୍ୟ ଏହି ଜୁସ୍ ବେଶ୍ ଉପକାରୀ।

**ଡାଳିମ୍ବ ଜୁସ୍:** ଡାଳିମ୍ବରେ ଆଇରନ୍‌ର ମାତ୍ରା ରହୁଥିବାରୁ ଏହା ଶରୀର ପାଇଁ ନାଚୁରାଲ୍ ଏନର୍ଜି ଟନିକ୍ ଭାବେ କାମ କରିଥାଏ। ତା'ଛଡ଼ା ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଖରାଦିନେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ।

**ପଇଡ଼ ପାଣି :** ଭିଟାମିନ୍ସ, ମିନେରାଲ୍ସ ଏବଂ ଇଲେକ୍ଟ୍ରୋଲାଇଟ୍ସ ତତ୍ତ୍ୱରେ ଭରା ପଇଡ଼ ପାଣି ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ସହ ଫୁର୍ତ୍ତି ପ୍ରଦାନ କରିଥାଏ।










## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ଡିମାଣ୍ଡ

ମୋନା ସୀମାକୁ- ଜାଣିଛୁ, ଜଣେ ଶାଶୁଙ୍କ ଡିମାଣ୍ଡ କ'ଣ ଥାଏ ?
ସୀମା- କ'ଣ ?
ମୋନା- ଝିଅ ସୁନ୍ଦର ହୋଇଥିବ, ଧନୀ ପରିବାରର ହୋଇଥିବ, ଉଚ୍ଚଶିକ୍ଷିତା ହୋଇଥିବ, କମ୍ ବୟସର ହୋଇଥିବ ଓ ଘରର ସବୁ କାମଦାମରେ ଏକ୍ସପର୍ଟ ହୋଇଥିବ।
ସୀମା- ଆଉ ଝିଅର କ'ଣ ଡିମାଣ୍ଡ ଥାଏ ଜାଣୁ କି ?
ମୋନା- ହଁ, ଭାରି ସିମ୍ପଲ୍। ଶାଶୁ ନ ଥିବ।

## ପରୀ

ରାଜେଶ ମୁହଁରେ ମାଡ଼ ଚିହ୍ନ ଦେଖି ମୋହନ- ଆରେ ତତେ କିଏ ମାରିଲା ?
ରାଜେଶ- କିଏ ଆଉ ମାରିବ, ମୋ ସ୍ତ୍ରୀ।
ମୋହନ- କାହିଁକି ମାରିଲେ ଭାଉଜ ?
ରାଜେଶ- ମୁଁ ତାକୁ କହିଲି କେବେ ତ ପାଟି ଚୁପ୍ କର। ସବୁବେଳେ ଅସୁରୁଣୀ ଭଳି ଏଡ଼େ ବଡ଼ ପାଟି କରୁଛ।
ମୋହନ- ମାଡ଼ ଖାଇବା କଥା କହିଛୁ। ତୁ କହିବାର ଥିଲା- 'ତମେ ନା ଯେବେ ଚୁପ୍ ରୁହ ସରଗର ପରୀ ଭଳି ଦେଖାଯାଅ।' ତା' ହେଲେ ଏଇ ଅବସ୍ଥା ତୋର ଜମା ହେଇ ନ ଥାଆନ୍ତା।

## ଘଣ୍ଟା

ବିବାହ ପରେ ବୋହୂ ପ୍ରଥମ ଥର ରେସିପି ବୁକ୍ ପଢ଼ି ରୋଷେଇ କରୁଥାଏ।
କିଛି ସମୟ ପରେ ଶାଶୁ ଫ୍ରିଜ୍ ଖୋଲି ଦେଖିଲେ ଭିତରେ ମନ୍ଦିରର ଘଣ୍ଟା ରଖାଯାଇଛି।
ଶାଶୁ ବୋହୂକୁ- ଏାକୁ କାହିଁକି ରଖିଛୁ ?
ବୋହୂ- ମା' ଏଇ ବହିରେ ଲେଖାହେଇଛି ପରା ସବୁ ଜିନିଷର ମିଶ୍ରଣ ପ୍ରସ୍ତୁତ କରି ଫ୍ରିଜ୍‌ରେ ଏକ ଘଣ୍ଟା ରଖିବ।

# ଗ୍ରୀଷ୍ମର ମଜା
# ହିଲ୍ ଷ୍ଟେଶନରେ





**ଖ**ରାଦିନେ ସୂର୍ଯ୍ୟଙ୍କର ପ୍ରଖର କିରଣ ସାଙ୍ଗକୁ ଝାଞ୍ଜି ପବନରେ ଦେହମୁଣ୍ଡ ପୋଡ଼ିଗଲା ଭଳି ଲାଗେ । ଇଚ୍ଛା ହୁଏ ଏମିତି କେଉଁ ସ୍ଥାନକୁ ଚାଲିଯିବା ପାଇଁ ; ଯେଉଁଠି ଖରାଦିନେ ବି ଶୀତଳ ପବନର ସ୍ପର୍ଶ ମିଳୁଥିବ । ଏ କ୍ଷେତ୍ରରେ ହିଲ୍ ଷ୍ଟେଶନଠୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ । ତେଣୁ ଏଠାରେ ସେମିତି କେତୋଟି ପ୍ରମୁଖ ହିଲ୍‌ଷ୍ଟେଶନ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ବୁଲିଗଲେ ଖରାଦିନେ ବେଶ୍ ଆରାମ ଅନୁଭବ ହୋଇପାରିବ...

**ଉଟି:** ଉଟି ବା ଉଦ୍‌ଗମଣ୍ଡଲମ୍ ହେଉଛି ତାମିଲନାଡୁର ନୀଳଗିରି ଜିଲା ଅନ୍ତର୍ଗତ ଏକ ସହର । ହିଲ୍ ଷ୍ଟେଶନ ଭାବେ ବି ଏହା ପରିଚିତ । ସମୁଦ୍ରପଉନଠାରୁ ପ୍ରାୟ ୨,୨୪୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପାର୍କ, ବଗିଚା, ହ୍ରଦ, ଡ୍ୟାମ୍, ଐତିହାସିକ ପ୍ରାସାଦ, ସଂଗ୍ରହାଳୟ ଇତ୍ୟାଦି ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଏକ ଚା' ଫ୍ୟାକ୍ଟ୍ରି ମଧ୍ୟ ରହିଛି ; ଯେଉଁଠାକୁ ବୁଲିଯାଇ ଆଗନ୍ତୁକ ଚା' ଚାଷ ସମ୍ପର୍କିତ ବହୁ ତଥ୍ୟ ଜାଣିପାରିବେ। ତେବେ ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ବିଶେଷକରି ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ ।

**କୋଡ଼ାଇକନାଲ:** ଏହା ହେଉଛି ତାମିଲନାଡୁର ଡିଣ୍ଡିଗଲ୍ ଜିଲା ଅନ୍ତର୍ଗତ ଏକ ହିଲ୍ ଷ୍ଟେଶନ। ଏଠାକାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ବେଶ୍ ସମ୍ମୋହିତ କରିଥାଏ । ତା'ଛଡ଼ା ଏଠାରେ ଥିବା ଅନେକ ବଡ଼ ବଡ଼ ଚଟାଣ, ହ୍ରଦ, ପାର୍କ ତଥା ଫଳ ବଗିଚା, ଘାଟି ଓ ଆଖପାଖର ସୁନ୍ଦରତାକୁ ସୁବିଧାରେ ଦେଖିବା ନିମନ୍ତେ ରହିଥିବା ଟେଲିସ୍କୋପ୍ ହାଉସ୍, ବିୟର ଶୋଲା ଫଲ୍ସ (ଯେଉଁ ଜଳପ୍ରପାତରେ ଅଧିକାଂଶ ସମୟ ଭାଲୁମାନେ ଆସି ପାଣି ପିଇଥାନ୍ତି) ତଥା ଚାରିଆଡ଼ର ହରାଭରା ଦୃଶ୍ୟ ବି ଖୁବ୍ ଆକର୍ଷକ ଲାଗିଥାଏ। ଅନ୍ୟପକ୍ଷେ ଏଠାରେ ଥିବା ୟୁକାଲିପଟାସ ଓ ପାଇନ୍ ଜଙ୍ଗଲରୁ ଆସୁଥିବା ସ୍ୱଚ୍ଛ ବାୟୁ ସ୍ଥାନୀୟ ବାତାବରଣକୁ ବେଶ୍ ମନଲୋଭା କରିଦେଇଥାଏ। ଖାସ୍ ସେଥିପାଇଁ କୋଡ଼ାଇକନାଲକୁ 'ହିଲ୍ ଷ୍ଟେଶନର ରାଜକୁମାରୀ' ବୋଲି କୁହାଯାଇଥାଏ । ଖରାଦିନେ ବୁଲିବା ସହ ଟ୍ରେକିଂ ଓ ବୋଟିଂର ମଜା ନେବାକୁ ପର୍ଯ୍ୟଟକମାନେ ଏଠାକୁ ଧାଇଁ ଆସିଥାନ୍ତି ।


**ହିଲ୍ ଷ୍ଟେଶନ ବା ଶୈଳନିବାସର ଆକର୍ଷଣୀୟ ପ୍ରାକୃତିକ ପରିବେଶ କାହାକୁ ବା ଭଲ ନ ଲାଗେ। ଖାସ୍‌କରି ଖରାଦିନେ ଥଣ୍ଡାର ଅନୁଭବ ପାଇବା ପାଇଁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି...**


**ମଡିକେରୀ:** ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଲୋକପ୍ରିୟତା ହାସଲ କରିଥିବା ମଡିକେରୀ ହେଉଛି କର୍ନାଟକର କୋଡ଼ଗୁ ଜିଲାରେ ଅବସ୍ଥିତ ଏକ ହିଲ୍ ଷ୍ଟେଶନ ଟାଉନ୍। ସମୁଦ୍ର ପଉନଠାରୁ ପ୍ରାୟ ୧୧୫୦ ମିଟର ଉଚ୍ଚରେ ଅବସ୍ଥିତ ଏହି ଟାଉନ୍‌ରେ ଦେଖିବାକୁ ରହିଛି ଅନେକ ପାହାଡ଼, ଝରଣା, ସବୁଜ ବନାନୀ, କଫି ବଗିଚା, ଐତିହାସିକ ତଥା ଧାର୍ମିକ ସ୍ଥଳୀ । ଖାସ୍‌କରି ଏଠାକାର ଅବ୍ବେ ଝରଣା, ମଡିକେରୀ ଦୁର୍ଗ, ରାଜା କି ସିଟ୍ (ଯେଉଁଠାରେ କୋଡ଼ଗୁର ରାଜା ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖୁଥିଲେ) ତଥା କଫି ବଗିଚା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଖାସ୍‌କରି ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିବାରୁ ଏହି ସମୟରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ ।


**ପଞ୍ଚଗନୀ:** ମହାରାଷ୍ଟ୍ରର ସତାରା ଜିଲାରେ ରହିଛି ଏହି ହିଲ୍ ଷ୍ଟେଶନ। ସମୁଦ୍ରପଉନଠାରୁ ପ୍ରାୟ ୧୨୯୩ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ଟେବୁଲ୍ ଲ୍ୟାଣ୍ଡ, ସିଡ୍‌ନୀ ପଏଣ୍ଟ, ପାର୍ସୀ ପଏଣ୍ଟ, ଡେଭିଲ୍ସ କିଚେନ୍, ମାର୍ପୋ ଗାର୍ଡେନ୍ ଇତ୍ୟାଦି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ମନୋରମ ପରିବେଶ ଭିତରେ ଆବଦ୍ଧ ହୋଇ ରହିଥିବା ପଞ୍ଚଗନୀର ଜଳବାୟୁ ଗ୍ରୀଷ୍ମଦିନେ ବେଶ୍ ଥଣ୍ଡା ପ୍ରଦାନ କରୁଥିବାରୁ ଏଠାରେ ଗ୍ରୀଷ୍ମଛୁଟି କଟାଇବାକୁ ବହୁତ ଭଲ ଲାଗିଥାଏ ।

**ମାଥେରାନ୍:** ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଅନ୍ୟ ଏକ ପ୍ରସିଦ୍ଧ ହିଲ୍ ଷ୍ଟେଶନ। ସମୁଦ୍ରପଉନଠାରୁ ପ୍ରାୟ ୮୦୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେଶନରେ ପର୍ଯ୍ୟଟକ ପ୍ରାୟ ୪୦ଟି ପଏଣ୍ଟ, ଦୁଇଟି ହ୍ରଦ, ଦୁଇଟି ପାର୍କ ତଥା ୪/୫ଟି ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଥିବା ସନ୍‌ସେଟ୍ ପଏଣ୍ଟ ବି ଖୁବ୍ ଆକର୍ଷକ ଲାଗିଥାଏ। ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ । ଖାସ୍ କରି ଖରାଛୁଟି କଟାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ହୋଇଥାଏ ।

**ମାଉଣ୍ଟ ଆବୁ:** ସବୁଜ ବନାନୀ ତଥା ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ରାଜସ୍ଥାନସ୍ଥିତ ଏହି ହିଲ୍ ଷ୍ଟେଶନର ପରିବେଶ ଖରାଦିନେ ବେଶ୍ ଆରାମଦାୟକ ରହିଥାଏ । ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ଥିବା ଏକାଧିକ ଐତିହାସିକ ମନ୍ଦିର, ଦୁର୍ଗ ତଥା ମାଉଣ୍ଟ ଆବୁ ବନ୍ୟପ୍ରାଣୀ ଅଭୟାରଣ୍ୟ ବୁଲି ଦେଖିବାର ମଜା ମଧ୍ୟ ନେଇପାରିବେ ।









# କାନ୍ଧରେ ଟେକନ୍ତି ହେଲିକପ୍ଟର

ଅଷ୍ଟ୍ରିଆର ଫରାଞ୍ଜ ମୁଲେନର୍ ବେଶ୍ ଶକ୍ତିଶାଳୀ। ସାଧାରଣତଃ କେହି ବ୍ୟକ୍ତି କାନ୍ଧରେ ନିଜ ଓଜନଠାରୁ ଦେଢଗୁଣ ପର୍ଯ୍ୟନ୍ତ ଭାର ଟେକି ପାରିବେ। ହେଲେ ଶକ୍ତିଶାଳୀ ଫରାଞ୍ଜ ୬୫୦ କି.ଗ୍ରା. ଓଜନର ହେଲିକପ୍ଟରକୁ ନିଜ କାନ୍ଧରେ ଟେକିପାରନ୍ତି। ୩୦ ସେକେଣ୍ଡ ପର୍ଯ୍ୟନ୍ତ ଫରାଞ୍ଜ କାନ୍ଧରେ ହେଲିକପ୍ଟର ଉଠାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହାକୁ ଟେକିବା ସମୟରେ ଷ୍ଟିଲର ଏକ ଓଜନିଆ ଫ୍ରେମ ସହ ହେଲିକପ୍ଟରରେ ଦୁଇଜଣ ବ୍ୟକ୍ତି ମଧ୍ୟ ଥିଲେ। ସେ ଯେଉଁ ମେଟାଲ ଫ୍ରେମ୍ ଟେକନ୍ତି ତା' ଉପରେ ହେଲିକପ୍ଟର ଧୀରେ ଧୀରେ ଲାଣ୍ଡ କରିଥାଏ। ତା'ପରେ ଫରାଞ୍ଜ ସେହି ମେଟାଲ ଫ୍ରେମ୍ ସହ ହେଲିକପ୍ଟରକୁ ଟେକନ୍ତି। ଆଗାମୀ ଦିନରେ ସେ ୧୧୦୦ କି.ଗ୍ରା. ଓଜନର ଜିନିଷ ଟେକିବାକୁ ଲକ୍ଷ୍ୟ ରଖିଛନ୍ତି।



## କାର୍ଟୁନ କର୍ନର



# ସେବାରେ ମନ



କେବେ କାହାର ସେବା କରିଛନ୍ତି? ସେବାରୁ ମିଳୁଥିବା ଆତ୍ମତୃପ୍ତିକୁ ଅନୁଭବ କରିଛନ୍ତି? ବୋଧହୁଏ ନିଜ ଲୋକଙ୍କର ସେବା ହୁଏତ କେବେକେବେ କରିଥିବେ। କିନ୍ତୁ ସମ୍ପୂର୍ଣ୍ଣ ଅଜଣା ଅଶୁଣା ଏପରିକି ରାସ୍ତାକଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିବା ଅସହାୟ ଲୋକଙ୍କ ସେବା କରିବାରେ ନିଆରା ଭାବ ସୃଷ୍ଟି ହୋଇଥାଏ। ତେବେ ସେବା ଶବ୍ଦର ଏମିତି ମହତ୍ତ୍ୱକୁ ବୁଝିପାରି ଜନସେବାରେ ନିଜକୁ ସାମିଲ କରିଛନ୍ତି ଜଣେ ଆଲ୍‌ବମ ଅଭିନେତ୍ରୀ। ସମୟକ୍ରମେ ସେ ଏକାଧିକ ଆଲ୍‌ବମରେ ଅଭିନୟ କରିବା ସହିତ କେତୋଟି ସିନେମାରେ ବି ଅଭିନୟ କରି କିଛି ଅନୁଭୂତି ସାଉଁଟିଛନ୍ତି। ପୁଣି ନିଜ ଗାଁରେ ପିଲାଙ୍କୁ ନୃତ୍ୟଶିକ୍ଷା ଦେବାକୁ ମନବଳାଇ ଏକ ଅନୁଷ୍ଠାନ ଗଢ଼ିଲେ। ଏବେ କିନ୍ତୁ ସେ କେତେଜଣ ଅସହାୟ ଗରିବ ଓ ରୋଗୀଙ୍କୁ ସାହାଯ୍ୟ ଏବଂ ସେବା କରୁଥିବା ଦେଖିବାକୁ ମିଳୁଛି। ସେ ହେଲେ ପାୟଲ ପ୍ରିୟଦର୍ଶିନୀ ନାୟକ। ଘର ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଣପୁର ଅଞ୍ଚଳର ବାଲିପଦର ଗାଁରେ। ସେ କୁହନ୍ତି, ଆମ ଘରେ ମା'ବାପାଙ୍କର ମୁଁ ଏକମାତ୍ର ଝିଅ ଓ ମୋର ୩ ଭାଇ। ମୋ ପରିବାର ଏକ କଳାକାର ପରିବାର। ମାଟ୍ରିକ୍ ପାସ୍ ପରେ ବାଣପୁରରେ ନୂଆ କରି କଲେଜ ଯାଉଥାଏ। ୨୦୦୮ ମସିହା କଥା। ଥରେ ଏକ ଅଜଣା ଫୋନ୍‌ରୁ କଲ୍‌ଟିଏ ପାଇ ସିନେମାରେ ଅଭିନୟ ପ୍ରତି ମନ ବଳାଇଥିଲି। ସେଥିପାଇଁ ରଙ୍ଗ୍ ନମ୍ବର ଯୋଗୁ ଘରୁ ଚାଲି ଆସିଥିଲି କଟକ। ଅବଶ୍ୟ ସେବେଠାରୁ ଆଉ ପଛକୁ ଫେରିନି। ଆଲ୍‌ବମ ହେଉ କି ସିନେମା, ଯେତେବେଳେ ଯାହାକିଛି ଅଭିନୟ କରିବାର ସୁଯୋଗ ମିଳିଛି ସେଥିରେ ଭାଗ ନେଇଛି। ଏମିତିରେ ଗଞ୍ଜା ଲଢ଼େଇ, ହରିଓଁ ହରି, ସାତ ଜନମର ସାଥୀ ଆଦି ପ୍ରାୟ ୬ଟି ସିନେମାରେ ଓ ବହୁ ଆଲ୍‌ବମରେ ଅଭିନୟ କରିସାରିଛି। ଏପରିକି କେତୋଟି ଗୀତକୁ ନିଜେ ଲେଖି ତାର ଭିଡିଓ ଅଡିଓ ପାଇଁ ନିଜେ ପ୍ରଯୋଜନା କରିଛି। ଅନ୍ୟପକ୍ଷେ ଆଜକୁ ପ୍ରାୟ ଏକଦଶନ୍ଧି ଧରି କଞ୍ଚା ପନିପରିବା ଖାଇବାରେ ରୁଚି ରଖିଛି। ଏଥିପାଇଁ ଭିନ୍ନ ପରିଚୟ ମିଳିପାରିଛି। ଏବେ କଟକର ସିଡିଏ ଅଞ୍ଚଳରେ ରହୁଥିବାରୁ ଗଣେଶ ପ୍ୟାଲେସ୍ ନିକଟରେ ଏକ ମିଠା ଦୋକାନ ଦେଇଛି, ଯେଉଁଠାରେ ବାଣପୁର ଅଞ୍ଚଳର ମାଠପୁଳି ଓ କାକରା ବେଶି ବିକ୍ରି କରାଯାଇଥାଏ। ପୁଣି ଅନ୍ୟ ଏକ ସ୍ଥାନରେ ୨ଜଣ ବ୍ୟବସାୟୀଙ୍କ ଜରିଆରେ ଚିଲିକା ଚିଙ୍ଗୁଡ଼ି, କଙ୍କଡ଼ା ବ୍ୟବସାୟ କରିଥାଏ। ବିଭିନ୍ନ ସମୟରେ ଆଶ୍ରମକୁ ବୁଲିବାକୁ ଯାଇ ସେଠାର ଅନ୍ତେବାସୀଙ୍କୁ ମୋ ସାମର୍ଥ୍ୟ ଅନୁଯାୟୀ କିଛି ସାହାଯ୍ୟ ସହାୟତା ବି କରିଥାଏ। କରୋନା-ଲକ୍‌ଡାଉନ ସମୟରେ ମା' ଶାରଳା ହେଲ୍ପ ଫାଉଣ୍ଡେଶନ ଜରିଆରେ ସେବା କରି ଖୁସି ହୋଇଥିଲି। ୫, ଫେବୃୟାରୀ ୨୦୨୧ରୁ ମା' ଭଗବତୀ ହେଲ୍ପ ଫାଉଣ୍ଡେଶନ ଗଢ଼ି ଗରିବ ଅସହାୟ ଲୋକଙ୍କ ସେବା କରୁଛି। ଏବେ ପ୍ରାୟ ଦେଢ଼ମାସ ମଧ୍ୟରେ ୨୭ ଜଣ ଗରିବ ରୋଗୀଙ୍କୁ ସେବା ଓ ସାହାଯ୍ୟ କରିବାର ସୁଯୋଗ ମିଳିଛି। ନରସେବା ନାରାୟଣ ସେବା ମନେକରି ନିଜର କିଛି ସମୟକୁ ଏମିତି ପୁଣ୍ୟ କାର୍ଯ୍ୟରେ ବିତେଇଥାଏ। ଏଥିଯୋଗୁ ଆତ୍ମତୃପ୍ତି ମିଳୁଛି। ଡାକ୍ତର ବାବୁଙ୍କ ସହିତ ମୋର ପରିଚୟ ହେବାରୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅସହାୟ ଲୋକଙ୍କ ସେବା କରିବାରେ ସୁବିଧା ହୋଇ ପାରିଥାଏ। ଏଥିପାଇଁ କାହାରି ଈର୍ଷା ମୋତେ ନିରୁତ୍ସାହିତ କରୁନି, ବରଂ ଅନ୍ୟମାନଙ୍କ ଆଶୀର୍ବାଦ ମୋତେ ଅଧିକ ଲୋକଙ୍କ ସେବା କରିବାରେ ସହାୟକ ହେଉଛି। ମା' ଭଗବତୀ ହେଲ୍ପ ଫାଉଣ୍ଡେଶନ ନାଁରେ ସେବାକୁ ଆପଣେଇ ଚାଲିଛି। ଅନ୍ୟପକ୍ଷେ ଆଇନଜୀବୀ ସୁରେନ୍ଦ୍ର ବେହେରା କୁହନ୍ତି, ପାୟଲ ପ୍ରିୟଦର୍ଶିନୀ ଯଦି କେହି ଅସହାୟ ଲୋକଙ୍କୁ ଦେଖେ, ସେ ଯଥାସମ୍ଭବ ତାଙ୍କୁ ଅନ୍ନ ବସ୍ତ୍ର ଦେଇଥାଏ। ଏକ ଦୁର୍ଘଟଣାରେ ଗୋଡ଼ ହାଡ଼ ଭାଙ୍ଗି ଯାଇଥିବା ଘନଶ୍ୟାମ ବାଗ କୁହନ୍ତି, କଳାହାଣ୍ଡି ଜିଲ୍ଲାରୁ ଚିକିତ୍ସା ପାଇଁ ଆସି କଟକ ବଡ଼ମେଡିକାଲରେ ପହଞ୍ଚିଥିଲି। ଏଠାରେ ଚିକିତ୍ସିତ ହେଉଥିବା ବେଳେ ମେଡିକାଲରେ ପାୟଲ ପ୍ରିୟଦର୍ଶିନୀଙ୍କ ସହିତ ଦେଖାହୁଏ। ସେ ବି ମୋ ଦୁଃଖକଥା ଜାଣି ମୋତେ ସାହାଯ୍ୟର ହାତ ବଢ଼େଇଛନ୍ତି। ସେହିପରି ପ୍ରତିଭା ରାଉତ ନାମ୍ନୀ ଜଣେ କଳାକାର କ୍ୟାନ୍ସରରୁ ମୁକ୍ତି ପାଇଁ କଟକ ଆସିଥିଲେ। ସେ କୁହନ୍ତି, ଶୁଣିଲି ପାୟଲ ଅସହାୟ ରୋଗୀଙ୍କୁ ସାହାଯ୍ୟ କରୁଛନ୍ତି। ସେଥିପାଇଁ ତାଙ୍କୁ ସାହାଯ୍ୟ ପାଇଁ କହିଲି। ସେ ଏବେ ସେବାରେ ସାହାଯ୍ୟ କରି ଚାଲିଛନ୍ତି। ଭଦ୍ରକର ତିହିଡ଼ିରୁ ଆସିଥିବା ବିଷ୍ଣୁ ଜେନା କୁହନ୍ତି, ମୁହଁ ଅପରେଶନ ପାଇଁ କଟକ ଆସିଥିଲି। ପାୟଲ ବିଷୟରେ ଜାଣିଲି। ସେ ବି ମତେ ସାହାଯ୍ୟ କରିଛନ୍ତି। ତେବେ ଏମିତି ଲକ୍‌ଡାଉନ ସମୟରେ ବି ଅସହାୟ ଲୋକଙ୍କ ସେବାକରି ସେ ଆନନ୍ଦ ପାଇଥା'ନ୍ତି। କାହାରିକୁ ମାଗଣା ରକ୍ତଦାନର ବ୍ୟବସ୍ଥା ତ ପୁଣି କାହାରିକୁ ସେବାରେ ସାହାଯ୍ୟ କରିବାରେ ରହିଛି ତାଙ୍କର ଭିନ୍ନ ରୁଚି। ଏଥିପାଇଁ ତାଙ୍କର ସୃଷ୍ଟି ହେଉଛି ନିଆରା ପରିଚୟ।







– ବନବିହାରୀ ବେହେରା

## ପୁସ୍ତକ ସମୀକ୍ଷା

### ପ୍ଲାଟଫର୍ମରୁ ଦିଗବଳୟ


**କବି– ଆଶିଷ ମହାପାତ୍ର**
**ପ୍ରକାଶକ– ପଶ୍ଚିମା ପ୍ରକାଶନୀ**




କବିତା ସଂକଳନ "ପ୍ଲାଟଫର୍ମରୁ ଦିଗବଳୟ" କୌଣସି ନା କୌଣସି ଦିଗବଳୟର ସୁନେଲି ଆଭାକୁ ଛୁଇଁପାରେ ଆପଣା କାବ୍ୟିକ ଶକ୍ତିରେ। ସୁଦୃଶ୍ୟ ପ୍ରଚ୍ଛଦ ଧାରଣ କରିଥିବା କବିତା ସଙ୍କଳନଟିର ପରିପାଟୀ ଆକର୍ଷଣୀୟ। ଦୃଶ୍ୟମାନ ଜଗତର ଘଟଣା ଦୁର୍ଘଟଣା ସହ କବିଙ୍କ ସର୍ଜକ ସତ୍ତାର ଭାବ ବିନିମୟରୁ କବିତା ଗୁଡ଼ିକର ସୃଷ୍ଟି। କ୍ରିୟା ପ୍ରତିକ୍ରିୟାର ଦୁନିଆରେ କବି ଭାବେ ସେ ଖୋଜନ୍ତି ସମ୍ବେଦନଶୀଳ ଜୀବନବୋଧ। ସହଜ ଭାବ ଓ ସରଳ ଭଙ୍ଗୀ ତାଙ୍କର ବିଶେଷତ୍ୱ। ସବୁ ବିପର୍ଯ୍ୟୟ ଭିତରେ ଜୀବନକୁ ଗ୍ରହଣ କରିବାର ବାର୍ତ୍ତା ଦିଏ ତାଙ୍କର କବିତା। ଆଶିଷଙ୍କର କବିତା ସମସାମୟିକ ଜୀବନର ସରଳ ଭାଷ୍ୟ। ଆଶା ଏହି ସଂକଳନଟି ପାଠକମାନଙ୍କୁ ଏକ ନୂଆ କାବ୍ୟ ସ୍ୱର ସହ ପରିଚିତ କରେଇବ।

### ଦର୍ପଣ ପଛର ଛବି

**ଲେଖକ– ଶ୍ରୀନିବାସ ସେଠୀ**
**ପ୍ରକାଶକ– ଟାଇମ୍ ପାସ୍ ପ୍ରକାଶନୀ**




ଷାଠିଏଟା କବିତାରେ ସୁସଜ୍ଜିତ ଶ୍ରୀନିବାସ ସେଠୀଙ୍କ "ଦର୍ପଣ ପଛର ଛବି"ର କବିତା ଗୁଡ଼ିକ ଛୋଟ ଛୋଟ କିନ୍ତୁ ଜୀବନର ଅବବୋଧକୁ ପ୍ରତିଫଳିତ କରିଛି ଖୁବ୍ ସୁନ୍ଦର ଭାବରେ। କବିତା ଗୁଡ଼ିକର ପରିଚ୍ଛନ୍ନତା ଏବଂ ସ୍ୱଚ୍ଛତା ଦେଖେଇବାକୁ କବି ଉପମା ପ୍ରୟୋଗରେ ଅଧିକ ଯତ୍ନବାନ ହୋଇଛନ୍ତି। ଚାରି ପାଖରେ ବହି ଯାଉଥିବା ସାଧାରଣ ଜୀବନରୁ ଅସାଧାରଣତ୍ୱ ନେଇ ଶ୍ରୀନିବାସଙ୍କ ପ୍ରାୟ ସମସ୍ତ କବିତା ପରିପୁଷ୍ଟ। କାବ୍ୟ ଜୀବନର ଅସୀମ ସମ୍ଭାବନାର ପ୍ରମାଣ ଏହି ସୁନ୍ଦର କବିତା ସଙ୍କଳନଟି।

### ଦେବାଂଶୀ ଦେବବ୍ରତ

**ରଚନା– ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର**
**ପ୍ରକାଶକ– ଶ୍ରୀନନ୍ଦନ ପ୍ରିଣ୍ଟର୍ସ, ଭୁବନେଶ୍ୱର**




ବହିଟିର ସବୁଠୁ ଆକର୍ଷଣୀୟ ଭାଗ ହେଉଛି କବିଙ୍କର 'ଦୁଇପଦ କଥା'। ଖୁବ୍ ସୁନ୍ଦର ଓ ଚମତ୍କାର ଶୈଳୀରେ ସେ ଉପସ୍ଥାପନ କରିଛନ୍ତି ଦେବବ୍ରତଙ୍କୁ। ସେ ବହିଟିକୁ ପ୍ରାଞ୍ଜଳ ଭାବରେ ପଢ଼ି ସାରିବା ପରେ କାବ୍ୟଟି ଆହୁରି ରସଘନ ହେଉଛି। ଏହା ମଧ୍ୟ ଅନୁପ୍ରାସରେ ଲିଖିତ। କିନ୍ତୁ ଏହାର ବିଶେଷତ୍ୱ ହେଲା ଅନେକ ରାଗ ରାଗିଣୀର ସମାବେଶ। ଏହି ସମ୍ପୂର୍ଣ୍ଣ କାବ୍ୟଟି ଅତ୍ୟନ୍ତ ନାଟକୀୟ। ମହାଭାରତର ସବୁଠାରୁ ଚର୍ଚ୍ଚିତ ମୁହୂର୍ତ୍ତଗୁଡ଼ିକ ରୂପାୟିତ ହୋଇଥିଲେ ମଧ୍ୟ ଦେବବ୍ରତଙ୍କ ଚରିତ୍ର ଚିତ୍ରଣରେ କୌଣସି ତ୍ରୁଟି କରିନାହାନ୍ତି କବି। ତାଙ୍କର ଦୃଢ଼ତା ସହ ଅସହାୟତାକୁ ମଧ୍ୟ ସମାନ ଭାବରେ ପ୍ରଦର୍ଶିତ କରିଛନ୍ତି ଏହି କାବ୍ୟରେ।

# ଟା' ପିଇ ବିତିଲାଣି ୩୩ ବର୍ଷ

**ଚା'** ବିନା ଅନେକଙ୍କର ଦିନ କଟେନା। କପେ ଚା' ପିଇଦେଲେ ଯେମିତି ସାରା ଦିନ ଆରାମରେ କଟିଯାଏ। କିନ୍ତୁ କେହି କ'ଣ କିଛି ନ ଖାଇ ଖାଲି ଚା' ପିଇ ଜୀବନ ସାରା ରହିପାରିବେ? ଭାବୁଥିବେ ଆଦୌ ସମ୍ଭବ ନୁହେଁ। କିନ୍ତୁ ଜଣେ ମହିଳା ଅଛନ୍ତି, ଯେ କି ଦୀର୍ଘ ୩୩ ବର୍ଷ ହେବ ଅନ୍ୟ କିଛି ଖାଦ୍ୟ ନ






ଖାଇ କେବଳ ଚା' ପିଇ ବଞ୍ଚିଛନ୍ତି। ଛତିଶଗଡ଼, କୋରିଆ ଜିଲାର ବରଡିୟା ଗ୍ରାମରେ ରହୁଥିବା ପିଲି ଦେବୀ ହେଉଛନ୍ତି ସେହି ବିସ୍ମୟ ମହିଳା। ମାତ୍ର ୧୧ ବର୍ଷ ବୟସର ହୋଇଥିବା ବେଳୁ ସେ ଖାଦ୍ୟ ଛାଡି ଚା' ପିଇ ଜୀବନଧାରଣ କରୁଛନ୍ତି। ଏବେ ତାଙ୍କୁ ୪୪ ବର୍ଷ ବୟସ। ସ୍ଥାନୀୟ ଲୋକେ ତାଙ୍କୁ 'ଚାୟ ୱାଲି ଚାଚି' ବୋଲି ଡାକନ୍ତି। ଖାଦ୍ୟ ନ ଖାଇ ସେ ଏତେ ବର୍ଷ କିଭଳି ସୁସ୍ଥ ଅଛନ୍ତି ତାହା ସମସ୍ତଙ୍କୁ ଚକିତ କରାଏ। ଏମିତି କି ଡାକ୍ତର ମଧ୍ୟ ତାଙ୍କଠାରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇ ନାହାନ୍ତି। ତାଙ୍କ ବାପା କହନ୍ତି, ''ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ପିଲି ଖାଦ୍ୟ ଖାଇବା ଛାଡ଼ିଥିଲା। ସେତେବେଳେ ସେ କ୍ଷୀର ଚା' ସହ ବିସ୍କୁଟ, ବ୍ରେଡ ଖାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପିଲି ସେସବୁ ଖାଇବା ବି ଛାଡ଼ିଦେଲା।'' ଆଉ ପିଲି କହନ୍ତି, ''ତାଙ୍କୁ କେବେ ଭୋକ ଲାଗେନାହିଁ। ଦିନରେ କ୍ଷୀର ଚା' ପିଏ। ଆଉ ଦିନ ସରିଲେ ସନ୍ଧ୍ୟାବେଳେ ମୁଁ ବିନା କ୍ଷୀରବାଲା ନାଲି ଚା' ପିଇଥାଏ। ଏମିତି ଦୀର୍ଘ ବର୍ଷ ବିତିଗଲାଣି।''

ବ୍ୟାକ୍ ପେଜ୍







# ଘାସ ପୋଲ

**ବି**ଜ୍ଞାନ ପାଇଁ ଆଜି ଜୀବନ ସହଜ ହୋଇପାରିଛି। କିନ୍ତୁ ଆଜି ବି ଏମିତି କିଛି ଜିନିଷ ଅଛି, ଯାହା ଏହି ଆଧୁନିକ ଯୁଗରେ ବିଜ୍ଞାନକୁ ମାତ୍ ଦିଏ। ତା'ର ଏକ ଜୀବନ୍ତ ଉଦାହରଣ ହେଉଛି ଅପୁରିମେକ ନଦୀ ଉପରେ ତିଆରି ହୋଇଥିବା ଘାସ ଦଉଡ଼ିରେ ତିଆରି ପୋଲ। ଏହା 'ଇନ୍‌କା ରୋପ୍ ବ୍ରିଜ୍' ନାମରେ ବି ପରିଚିତ। ଆଶ୍ଚର୍ଯ୍ୟର କଥା ଉକ୍ତ ଘାସର ପୋଲ ୬୦୦ ବର୍ଷ ଧରି ଲୋକଙ୍କ ଯିବା ଆସିବାର ପ୍ରମୁଖ ମାଧ୍ୟମ ପାଲଟିଆସିଛି। ପେରୁର କୁସ୍କୋ ଅଞ୍ଚଳରେ ଥିବା ଉକ୍ତ ପୋଲ ଇନ୍‌କା ସାମ୍ରାଜ୍ୟ ଥିବା ସମୟରେ ତିଆରି ହୋଇଥିବାରୁ ଏହାର ନାମକରଣ ଏଭଳି ହୋଇଛି। ପୋଲକୁ ତିଆରି କରିବା ପାଇଁ ୧୨୦ଟି ଦଉଡ଼ି ବ୍ୟବହାର ହୋଇଛି। ପୁରୁଷମାନେ ଏହାକୁ ତିଆରି କରିଥିଲେ। ଆଉ ମହିଳାମାନେ ନଦୀର ଦୁଇ ପାର୍ଶ୍ୱର ଉଚ୍ଚା ସ୍ଥାନରେ ବସି ଏହି ଦଉଡ଼ି ବୁଣିଥିଲେ। ଦଉଡ଼ି ତିଆରି ପାଇଁ ସ୍ଥାନୀୟ ମଜଭୁତ ଘାସ 'କୋୟା ଇଚୁ'ର ବ୍ୟବହାର କରାଯାଇଛି। ତଥାପି ଏହା ଏତେ ବର୍ଷ ପରେ ବି ବେଶ୍ ଭଲ ଅବସ୍ଥାରେ ଅଛି।

# ରକ୍ତ ଜୋତା

**ଜୋ**ତା ପାଦକୁ ସୁରକ୍ଷା ଦିଏ। ଗ୍ରାହକଙ୍କ ଚାହିଦା ଓ ଆରାମକୁ ନଜରରେ ରଖି ବିଭିନ୍ନ କମ୍ପାନୀ ଜୋତା ତିଆରି କରିଥାଆନ୍ତି। ତେବେ ବେଳେବେଳେ କିଛି କମ୍ପାନୀ ଅଜବ ଉପାୟ ଆପଣାଇଥାଆନ୍ତି ନିଜ କମ୍ପାନୀକୁ ଲୋକପ୍ରିୟ କରାଇବା ପାଇଁ। ନିକଟରେ ସେମିତି ଏକ ଜୋତା କମ୍ପାନୀ ଅଜବ ଉପାୟରେ ଜୋତା ତିଆରି କରି ଆଲୋଚନାର ଶିରୋନାମା ହୋଇଛି। ଅନେକେ ଏହି ଉପାୟକୁ ନିନ୍ଦା ବି କରୁଛନ୍ତି। କାରଣ ଉକ୍ତ କମ୍ପାନୀ କରିଛି ମଣିଷ ରକ୍ତରେ ତିଆରି ଜୋତା। ଜୋତାର ସୋଲ୍ ରକ୍ତରେ ତିଆରି ବୋଲି କମ୍ପାନୀ ତରଫରୁ କୁହାଯାଇଛି, ଯାହାକୁ ଅନେକେ ନାପସନ୍ଦ କରୁଛନ୍ତି। କେବଳ ସେତିକି ନୁହେଁ, ଜୋତାରେ ପ୍ରାଚୀନ ପୁସ୍ତକରେ ବର୍ଣ୍ଣିତ ପେଣ୍ଟାଗ୍ରାମ ପେଣ୍ଡେଣ୍ଟ ଲାଗିଛି, ଏହାର ମଡେଲକୁ ବାଇବେଲ ସହ ବି ଯୋଡ଼ା ଯାଉଛି। ଏହି ଜୋତାର ୬୬୬ଟି ଯୋଡ଼ା ତିଆରି ହୋଇଛି। ପ୍ରତି ଯୋଡ଼ାର ମୂଲ୍ୟ ୭୪,୫୦୦ଟଙ୍କା।

